# ଧୂମଧାମରେ ଇଦ୍ ପାଳିତ



ଛତ୍ରପୁର,୨୧।୩(ସମିସ): ଆଜି ମୁସଲମାନ ଭାଇମାନଙ୍କ ପବିତ୍ର ରମ୍‌ଜାନ ମାସର ଶେଷ ଦିନ। ଆଜି ଦିନକୁ ଇଦ୍ ରୁପେ ପାଳନ କରିଛନ୍ତି ମୁସ୍‌ଲିମ୍ ସମ୍ପ୍ରଦାୟ। ଛତ୍ରପୁର ପୁତିଗୋପାଳପୁର ସ୍ଥିତ ମସଜିଦରେ ଧର୍ମଗରୁ ହାଫିଜ୍ ମହମ୍ମଦ ଜମିରଉଦ୍ଦିନଙ୍କ ତତ୍ତ୍ୱାବଧାନରେ ସକାଳେ ସମୂହ ନମାଜପାଠ କରି ଇଦ୍ ପାଳନ କରାଯାଇଥିଲା। ଏହି ଅବସରରେ ମୁସଲିମ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଛନ୍ତି। ମୁସଲମାନ ସମ୍ପ୍ରଦାୟର ବିଶ୍ୱାସ ଅନୁଯାୟୀ ଏହି ପବିତ୍ର ରମଜାନ ମାସରେ ଦୀର୍ଘ ଏକ ମାସ ଧରି ରୋଜା ବା ଉପବାସ ପାଳନ କରିଥାନ୍ତି। ଏହା ସହ ଗରିବ ଲୋକଙ୍କୁ ବସ୍ତ୍ର ଖାଦ୍ୟ ଓ ବିଭିନ୍ନ ଆର୍ଥିକ ସହାୟତା ମଧ୍ୟ କରିଥାନ୍ତି। ଏହାଦ୍ୱାରା ପୂଣ୍ୟ ଅର୍ଜନ ହୋଇଥାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି। ଏହି ଅବସରରେ ଆଫୋ ଖାନ୍, ଆଫତାବ୍ ଖାନ୍, ନାଜର ଖାନ୍, ଇଜୁ ଅମିନ ଖାନ୍, ଜାକିର ଖାନ୍, ଇସୁବ୍ ଖାନ, ଫାତୋ ଖାନ, ଆଇବ୍ ଖାନ, ଜଲାଲ ଖାନ୍, ଆର୍ଶଲାନ ଖାନ୍, ସିକନ୍ଦର ଖାନ୍, ସଲମାନ ଖାନ ପ୍ରମୁଖ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

# ଶିବ ସେବକ ମୁନୀ ସଂଘର ବାର୍ଷିକ ସମ୍ମିଳନୀ

ଧରାକୋଟ,୨୧।୩(ସମିସ): ଧରାକୋଟ ତାଲୁକ ଶିବ ସେବକ ମୁନି ସଙ୍ଘର ୧୮ ତମ ବାର୍ଷିକ ସମ୍ମିଳନୀ ଗଙ୍ଗାପୁର ଶାସନ ସ୍ଥିତଚନ୍ଦ୍ରକଣ୍ଟେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। କୁଳ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନର ପନ୍ଥା ବାହାର କରାଯାଇଥିଲା। କୁଳ ସମାଜରୁ ଦଣ୍ଡ ବିଧାନ ଉଚ୍ଛେଦ ଓ ବାଲ୍ୟ ବିବାହ ବନ୍ଦ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। କୁଳାଧିଶ ପ୍ରକାଶ ମୁନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀରେ ୩୨ ଖଣ୍ଡ ଗ୍ରାମର ମୁନି ଶିବ ସେବକମାନେ ଉପସ୍ଥିତ ଥିଲେ। ଆଗାମୀ ବର୍ଷ ପାଇଁ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରକାଶ ଚନ୍ଦ୍ର ମୁନୀ, ଉପସଭାପତି ତଥା କୁଳବେହେରା କାଳୀ ଚରଣ ମୁନୀ, ଭାସ୍କର ମୁନୀ, ସାଧାରଣ ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ମୁନୀ, ଯୁଗ୍ମ ସମ୍ପାଦକ ଭାବେ ଉମାକାନ୍ତ ମୁନୀ ଓ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ମୁନୀ ନବ ନିଯୁକ୍ତି ପାଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ କାଳୁ ଚରଣ ମୁନୀ, ଶରତ ଚନ୍ଦ୍ର ମୁନୀ, ଡାକ୍ତର ମୁନୀ, ଗଙ୍ଗାଧର ମୁନୀ ଓ ବିଜୟ ମୁନୀ ମନୋନୀତ ହୋଇଥିଲେ। ସମ୍ମିଳନୀକୁ ଗଙ୍ଗାପୁର ଶାସନର ଗ୍ରାମ ସଭାପତି ଶରତ ମୁନୀ, ସମ୍ପାଦକ ଶଙ୍କର୍ଷଣ ମୁନୀ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମୁନୀ, ସଭ୍ୟ ନଟବର ମୁନୀ, ରଘୁନାଥ ମୁନୀ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଦଣ୍ଡକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଧରାକୋଟ,୨୧।୩(ସମିସ): ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ କାନଗିରିଡି ଗ୍ରାମରେ ନୂତନ ଭାବରେ ନିର୍ମିତ ମା' ଦଣ୍ଡକାଳି ମହାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହା ଦୀର୍ଘ ପାଞ୍ଚ ଦିନ ଧରି ଚାଲିବ। ଆସନ୍ତା ୨୫ରେ ମହାଦେବୀଙ୍କ ସିଂହାସନ ଆରୋହଣ ପରେ ପୂର୍ଣ୍ଣାହୂତି ପ୍ରଦାନ କରି ଜ୍ଞାନଯଜ୍ଞର ସମାପନ ହେବ। କର୍ତ୍ତା ଭାବରେ ଅଶୋକ ପଣ୍ଡା, ଦୟାନିଧି ପ୍ରଧାନ, ସୀମାଞ୍ଚଳ ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ସୁଧାଂଶୁ ଶେଖର ମହାରଣା ଓ କଂଗ୍ରେସ ଗୌଡ଼ ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ କୈଳାସ ଚନ୍ଦ୍ର ମିଶ୍ର, ମୁନା ମିଶ୍ର, ପବିତ୍ର ମିଶ୍ର, ଜଗଦୀଶ ମିଶ୍ର, ଅଶ୍ୱିନୀ ଷଡ଼ଙ୍ଗୀ, ଚନ୍ଦ୍ରପାଣି ମିଶ୍ର, କାଳୁଚରଣ ମିଶ୍ର, ମନୋରଞ୍ଜନ ମିଶ୍ର, ଅବନୀ ମିଶ୍ର, ପ୍ରଦୀପ ମିଶ୍ର, ମନୋଜ ମିଶ୍ର, ରଶ୍ମି ମହାପାତ୍ର ଓ ଭଗବତୀ ମିଶ୍ର ଯଜ୍ଞ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। କାନଗିରିଡି ଗ୍ରାମବାସୀ ସହଯୋଗ କରୁଛନ୍ତି।

● ସାନଖେମୁଣ୍ଡିରେ ଥମୁନି ଦାଦନ ଯନ୍ତ୍ରଣା

# ଗୁଜୁରାଟରେ ଗଛ ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ



ସାନଖେମୁଣ୍ଡି,୨୧।୩(ସମିସ): ଗଞ୍ଜାମ ଜିଲ୍ଲାରେ ଥମୁନି ଦାଦନ ଶ୍ରମିକଙ୍କ ଯନ୍ତ୍ରଣା। ପୁଣି ଜଣେ ଦାଦନ ଶ୍ରମିକଙ୍କ ଗୁଜୁରାଟ ପାଟଣାରେ ମୃତ୍ୟୁ ଘଟିଛି। ମୃତକ ସାନଖେମୁଣ୍ଡି ବ୍ଲକ ଆଡ଼ପଡା ଗ୍ରାମର ଯୋଗେନ୍ଦ୍ର ପ୍ରଧାନ। ସେ କାମରୁ ଫେରୁଥିବାବେଳେ ରାସ୍ତା କଡ଼ରେ ଥିବା ଗଛ ତାଙ୍କ ଉପରେ ପଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିଜ ଭିଟାମାଟି ଆଡ଼ପଡା ଆଣି ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଗରିବ ପରିବାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ପରିବାର ଲୋକ।

# ହାଡ଼ିକୁଳ ସମାଜ ନୂତନ କର୍ମକର୍ତ୍ତା ଚୟନ

ବେଲଗୁଣ୍ଠା,୨୧।୩(ସମିସ): ବେଲଗୁଣ୍ଠା ବ୍ଲକ୍‌ଷଡ଼ଙ୍ଗୀପଲ୍ଲୀ ସ୍ଥିତ ଦୀନବନ୍ଧୁ ବିଦ୍ୟାପୀଠ ନିକଟ ଆମ୍ବତୋଟାରେ ଘୁମୁସର ତାଲୁକା ହାଡ଼ିକୁଳ ସମାଜର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଦଳିତ ସମାଜ ରାଜ୍ୟ ଅଧ୍ୟକ୍ଷ ଚିନ୍ତାମଣି ନାୟକ, ଘୁମୁସର ତାଲୁକା ସଭାପତି ପଞ୍ଚାନନ ନାୟକ, ପାଇଲିପଡ଼ା ମୁଠା ସଭାପତି ପବିତ୍ର ନାୟକ, ଘୁମୁସୁର ତାଲୁକା ସଚିବ ତୀର୍ଥ ଚୌଧୁରୀ, ଘୁମୁସର ତାଲୁକା ପୂର୍ବତନ ସଭାପତି ଦଣ୍ଡପାଣି ନାୟକ, ସଂଯୋଜକ କାହ୍ନୁଚରଣ ନାୟକ, ଜିଲ୍ଲା ସଭାପତି ମନୋରଞ୍ଜନ ନିମାଇଁ, ଜିଲ୍ଲା ସମ୍ପାଦକ ରୋହିତ ନାୟକ ଏବଂ ଉପଦେଷ୍ଟା ସାହେବ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଦାମୋଦର ନାୟକ ପରିଚାଳନା କରିଥିବା ବେଳେ ଉଚ୍ଚ ଶିକ୍ଷା ଲାଭ କରିଥିବା ତିନି ଜଣ ଝିଅ ବର୍ଷା, ଲିଟିଲ୍ ଓ ସୋନାଲିଙ୍କୁ ବିଧାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସମାଜର ନୂତନ କର୍ମକର୍ତ୍ତାମାନେ ହେଲେ ସଭାପତି ପଞ୍ଚାନନ ନାୟକ, ଉପସଭାପତି ସୁବାସ ନାୟକ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ନାୟକ, ସାଧାରଣ ସମ୍ପାଦକ କାର୍ତ୍ତିକ ନାୟକ, ଯୁଗ୍ମ ସମ୍ପାଦକ ନାରାୟଣ ନାୟକ, କୋଷାଧ୍ୟକ୍ଷ ଚିନ୍ମୟ ନାୟକ, ସହ କୋଷାଧ୍ୟକ୍ଷ ରବୀନ୍ଦ୍ର ନାୟକ ଏବଂ ଉପଦେଷ୍ଟା କମିଟି ହରିହର ନାୟକ, ହରିହର ବେହେରା, ସମୀକ୍ଷକ କମିଟି ମୁଖ୍ୟ ସୁଧୀର ନାୟକ, ସୂର୍ଯ୍ୟନାରାୟଣ ନାୟକ ଏବଂ ପ୍ରଭାକର ନାୟକ ଓ। ଏଥିରେ ଘୁମୁସର ତାଲୁକା ଅନ୍ତର୍ଗତ ସମସ୍ତ ଅଠରଟି ମୁଠାର କର୍ମକର୍ତ୍ତା ଏବଂ ଏକ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ। ପାଇଲିପଡା ମୁଠା ସମ୍ପାଦକ ସୁଧୀର ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

ସଜେଇ ହେଉଛି ତାମ୍ପରା ହ୍ରଦ

# ଏପ୍ରିଲ୍‌ରୁ ଜମିବ ସାଂସ୍କୃତିକ କାର୍ଯ୍ୟକ୍ରମ



ଛତ୍ରପୁର,୨୧।୩(ସମିସ): ସଜେଇ ହେବାରେ ଲାଗିଛି ଗଞ୍ଜାମ ଜିଲ୍ଲାର ତାମ୍ପରା ହ୍ରଦ। ଏଠାକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ସେମାନଙ୍କୁ ଆକୃଷ୍ଟ କରିବା ଲାଗି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଛି ବିଭିନ୍ନ ପଦକ୍ଷେପ। ପୂର୍ବରୁ ସୌନ୍ଦର୍ଯ୍ୟରେ ଭରପୁର ତାମ୍ପରା ହ୍ରଦ କାଳକ୍ରମେ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏବେ ଏହାର ପୁନରୁଦ୍ଧାର ଲାଗି ଅଣ୍ଟା ଭିଡିଛି ଜିଲ୍ଲା ପ୍ରଶାସନ। ପୂର୍ବରୁ କରାଯାଇଥିବା ବ୍ରିଜ୍ ଗୁଡ଼ିକ ଭାଙ୍ଗି ଯାଇଥିବାବେଳେ ଏହାର ପୁର୍ନନିର୍ମାଣ କାମ ଚାଲୁ ରହିଛି। ସେହିପରି ଆଲୋକୀକରଣ, ସଫେଇ, ଶୌଚାଳୟ, ରୁଫ୍‌ଟପ ରେଷ୍ଟୋରାଁ ଆଦି ନିର୍ମାଣ ଚାଲିଛି। ପୂର୍ବରୁ ପର୍ଯ୍ୟଟକଙ୍କ ପାଇଁ ଶନିବାର ଓ ରବିବାର ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ଏପ୍ରିଲ ଠାରୁ ଏହା ପୁଣି ଆରମ୍ଭ ହେବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି।

ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିକଟରେ ଥିବା ମିଠା ଜଳଭଣ୍ଡାର ତାମ୍ପରା ହ୍ରଦ। ପ୍ରାୟ ୩ ଶହ ହେକ୍ଟର ଜାଗାରେ ରହିଥିବା ଏହି ବିସ୍ତୀର୍ଣ୍ଣ ହ୍ରଦର ଗୋଟିଏ ପାଶ୍ୱର୍ରେ ଜାତୀୟ ରାଜପଥ ଏବଂ ଅନ୍ୟ ପାଶ୍ୱର୍ରେ ରହିଛି ବେଳାଭୂମି। ପିକ୍‌ନିକ୍ ଋତୁ ସମେତ ବର୍ଷର ବିଭିନ୍ନ ସମୟରେ ଏଠାକୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏବିସି ବୋଟିଂ କ୍ଲବ ପକ୍ଷରୁ ଏଠାରେ ବୋଟିଂ, ୱାଟର ସ୍ପୋର୍ଟ୍ସ, ଜେଟି ଆଦି ବିଭିନ୍ନ ପ୍ରକାରର ବୋଟିଂର ମଜା ନେଉଛନ୍ତି ପର୍ଯ୍ୟଟକ। ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରିବାକୁ ୨୦୧୯ ଡିସେମ୍ବର ୧ରେ ଅମରାବତି ବୋଟିଂ କ୍ଲବ ପକ୍ଷରୁ ୱାଟର ସ୍ପୋର୍ଟ୍ସର ଶୁଭାରମ୍ଭ କରାଯାଇଥିଲା। ଯାହାକି ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିପାରିଥିଲା। କାଳକ୍ରମେ ଏଥିରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟ ଆଦି ନଷ୍ଟ ହେବାରେ ଲାଗିବାରୁ ପର୍ଯ୍ୟଟକଙ୍କ ଆଗମନ କମିଥିଲା। ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିବାରୁ ଏବେ ସଜେଇ ହେବାରେ ଲାଗିଛି ତାମ୍ପରା। ପୁଣିଥରେ ଏଠାକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ଆଶା ରଖିଛି ପ୍ରଶାସନ ଓ ପରିବେଶବିତ୍। ଆଗାମୀ ଦିନରେ ଏହି ହ୍ରଦକୁ ଡ୍ରେଜିଂ କରାଯାଇ ଆହୁରି ଉନ୍ନତି କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗତ ବର୍ଷ ଏହି ପର୍ଯ୍ୟଟନ ସ୍ଥଳୀରୁ ୮୦ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ମାସିକ ୩ ରୁ ୪ ଲକ୍ଷ ଟଙ୍କା ଆଦାୟ କରାଯାଉଛି। ବିଶେଷ କରି ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ସର୍ବାଧିକ ୨୧ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ତାମ୍ପରା ହ୍ରଦକୁ ସୁନ୍ଦର କରିବାକୁ ପ୍ରଶାସନ ପକ୍ଷରୁ ଖର୍ଚ୍ଚ କରାଯାଉଛି। ଏଠାରେ ବିବାହ ପାଇଁ ଫଟୋସୁଟ୍ କରାଯିବା ଲାଗି ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କେବଳ ଫଟୋ ସୁଟ୍ ପାଇଁ ମଧ୍ୟ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ପର୍ଯ୍ୟଟକଙ୍କ ଲାଗି ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଠାରେ ଥିବା ବୋଟିଂ ସମେତ ଅନ୍ୟାନ୍ୟ ସୁବିଧା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଦର ଧାର୍ଯ୍ୟ କରାଯାଇଛି।

# ବିପଦସଂକୁଳ ବିଏସ୍‌ଏନ୍‌ଏଲ୍ ଖୁଣ୍ଟ



ଆସିକା,୨୧।୩(ସମିସ): ଆସିକା ସହରର ପୌର ପରିଷଦ ନିକଟରେ ତଥା କଂଗ୍ରେସ ଅଫିସ ସମ୍ମୁଖରେ ଥିବା ବିଏସ୍‌ଏନ୍‌ଏଲ୍ ଲାଇନ ପାଇଁ ଥିବା ପୋଲଟି ବିପଦସଂକୁଳ ଅବସ୍ଥାରେ ରହିଛି। ସତେ ଯେମିତି ସେଠାରେ ଯମ ଜଗି ବସିଛି। କାରଣ ପୋଲଟିର ନିମ୍ନ ଭାଗ ଯେଉଁ ସ୍ଥାନଟି ମାଟିରେ ପୋତି ହୋଇ ରହିଛି। ତାହା ସମ୍ପୂର୍ଣ୍ଣ ରୂପେ କଳଙ୍କି ଲାଗି ନଷ୍ଟ ହୋଇଯାଇଛି। କେବଳ ପୋଲଟି ଶୂନ୍ୟରେ ଝୁଲି ରହିଛି। ଏଥି ପ୍ରତି କାହାର ନିଘା ନାହିଁ। କେଉଁ ପରିସ୍ଥିତିରେ କେତେ ବେଳେ ପୋଲଟି କାହା ଉପରେ ଗଳି ପଡିବ ତାହା କିଏ କହିବ। ଆଉ ଏହା ଦ୍ୱାରା ଯେଉଁ ଜୀବନ ହାନି ହେବ ସେଥିପାଇଁ କିଏ ଦାୟୀ ରହିବ। ତେଣୁ ପୋଲଟି ସୁରକ୍ଷିତ ଭାବେ ହଟେଇବା ପାଇଁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଆସିକାରେ ବିଏସଏନଏଲ୍ ଅଧିକାରୀ ମାନଙ୍କ ଦାଇତ୍ୱହୀନତା ଯୋଗୁ ଅନେକ ଖୁଣ୍ଟ କଳଙ୍କି ଲାଗି ରହିଥିବା ନଜିର ରହିଛି।

# ଜିଲ୍ଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ



ଛତ୍ରପୁର,୨୧।୩(ସମିସ): ସ୍ଥାନୀୟ ରିକାପଲ୍ଲୀ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୀତାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ଜାତୀୟ କନ୍ୟା ଶିଶୁ ଦିବସ ପାଳିତ ହୋଇଯାଇଛି। ସମାଜ କଲ୍ୟାଣ ଅଧିକାରୀ(ଏସଡବ୍ଲୁଓ) ପାର୍ବତୀ ସୋରେନ, ମୁନିଷିପେଣ୍ଟ ଚିକିତ୍ସା ଅଧିକାରୀ/ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ସ୍ୱାଧୀନ ରଥ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଭାତୀ କୁମାରୀ ମହାପାତ୍ର, ସାଇବର ସେଲ୍, ଏସପି ଅଫିସ୍ ସହକାରୀ ଉପ-ନିରୀକ୍ଷକ କିରଣ ଚନ୍ଦ୍ର ପାତ୍ର, ଶିଶୁ ସୁରକ୍ଷା ୟୁନିଟର ଶରତ ମହାରଣା, ଡି ନାଗରତ୍ନମ, ପଦ୍ମା ମୁର୍ମୁ, ସିଡିପିଓ ପ୍ରଣମିତା ପଣ୍ଡା, ୟୁନିସେଫ୍ ଜିଲ୍ଲା ସଂଯୋଜକ ଦେବବ୍ରତ ମହନ୍ତ, ସେବା ଏନଜିଓର ସମ୍ପାଦିକା ଅଳକା ସାହୁ ଏବଂ କେଜିବିଭି, ରିକାପଲ୍ଲିର ପ୍ରଧାନ ଶିକ୍ଷୟିତ୍ରୀ ରିତା ରଥଙ୍କ ସହ ଶିକ୍ଷକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ପରିଚାଳନା ଏବଂ ଜିଲ୍ଲା ମହିଳା ସଶକ୍ତିକରଣ ହବ, ଗଞ୍ଜାମର କର୍ମଚାରୀମାନେ ସଫଳଭାବେ ସମନ୍ୱୟ କରିଥିଲେ। କେଜିବିଭିରେ ଅବସ୍ଥାନ କରୁଥିବା ୧୫୦ ଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅତିଥି କନ୍ୟା ଶିଶୁଙ୍କ ଯତ୍ନ ଓ ସୁରକ୍ଷା, ଶିଶୁଙ୍କ ଅଧିକାର ଓ ସମ୍ପର୍କିତ ଆଇନ, ଶିଶୁ ସହାୟତା ନମ୍ବରର ବ୍ୟବହାର, ବାଲ୍ୟ ବିବାହ ପ୍ରତିରୋଧ, ଋତୁସ୍ରାବ ସମୟର ସ୍ୱଚ୍ଛତା, କନ୍ୟାମାନଙ୍କ ପାଇଁ ସାଇବର ସୁରକ୍ଷା, ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଟୀକାକରଣ, ଉପଯୁକ୍ତ ପୋଷଣ, ଶିକ୍ଷାରେ ଉନ୍ନତି, ବୈଷୟିକ ଜ୍ଞାନ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ରୁକୁନି ବିଶୋୟୀ ଆଥଲେଟିକ୍ସ (ଲମ୍ବଡିଆଁ)ରେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ରାଜ୍ୟ ପ୍ରତିନିଧିତ୍ୱ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତିତ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

# ଗୋବର୍ଦ୍ଧନ ଗୋସେବା ନୀଳୟ ଶୁଭାରମ୍ଭ

କୁକୁଡ଼ାଖଣ୍ଡି,୨୧।୩(ସମିସ): କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ ଭଗବାନପୁର ଗ୍ରାମରେ ଶ୍ରୀଗୋବର୍ଦ୍ଧନ ଗୋସେବା ନୀଳୟର ଶୁଭାରମ୍ଭ ହୋଇଛି। ଦେଶୀ ଗୋ ବଂଶର ସୁରକ୍ଷା ଓ ସେବା ପାଇଁ ଦକ୍ଷିଣପୁର, ଲାଞ୍ଜିଆ ଓ ଅନନ୍ତାଇ ପଞ୍ଚାୟତର ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ଏହି ଗୋଶାଳା ଆରମ୍ଭ ହୋଇଛି। ନବବର୍ଷ ପାଇଁ ଗୋଶାଳା ପରିସରରେ ଗୀତାଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଲୋଚାପଡା ରଘୁନାଥ ମଠର ମଠାଧୀଶ ଚିନ୍ମୟାନନ୍ଦ ମହାରାଜ, ରାମାଧୀନ ସଂସ୍କୃତ ବିଦ୍ୟାଳୟର ଅଧ୍ୟକ୍ଷ ହରିହର ଦାସ ମହାରାଜ ବିଧିବଦ୍ଧ ପୂଜା କରି ଗୋସେବା ନିମନ୍ତେ ଉତ୍ସର୍ଗ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସରପଞ୍ଚ ଅନିଲ ଗୌଡ଼, ଦେବାଶିଷ ସେଠୀ, ବଶିଷ୍ଠ ଜେନା, ତୁତୁନ ପାତ୍ର, ସିଦ୍ଧାନ୍ତ ଗଙ୍ଗଦେବ, ଲଳିତ ବିଷୋୟୀ, ଗୌତମ ମହାରଣା, ଦୀପକ ମହାପାତ୍ର, ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ସାଗର କୁମାର ପାତ୍ର, ବିଜେନ୍ଦ୍ର ମାଝୀ, ନଳିନୀ କାନ୍ତ ପରିଡା, ଅରବିନ୍ଦ ଦେଶୀ ବେହେରା, ପୁରୁଷୋତ୍ତମ ସ୍ୱାଇଁ, ଧର୍ମରାଜ ପାତ୍ର, ରଞ୍ଜନ ବେହେରା, ଜିତେନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ, ଶିବରାମ ବେହେରା, ବିକ୍ରମ ମଲିକଙ୍କ ସହ ଭଗବାନପୁର ଗ୍ରାମବାସୀ ପରିଚାଳନା କରିଥିଲେ।

# ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୨୧।୩(ସମିସ): ଗଞ୍ଜାମ ଜିଲ୍ଲାରେ ଆଗାମୀ ଜନଗଣନା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦନ ପାଇଁ ପ୍ରଥମ ପର୍ଯ୍ୟାୟ ଟ୍ରେନିଂ ଆରମ୍ଭ ହୋଇଛି। ଜିଲ୍ଲାର ବିଭିନ୍ନ ବ୍ଲକ ସହିତ କୁକୁଡାଖଣ୍ଡି ବ୍ଲକରେ ମଧ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଟ୍ରେନିଂରେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜନଗଣନା କାର୍ଯ୍ୟର ଗୁରୁତ୍ୱ, ତଥ୍ୟ ସଂଗ୍ରହ ପ୍ରକ୍ରିୟା ଓ ନିଷ୍ପକ୍ଷତା ରକ୍ଷା ବିଷୟରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣକୁ ସଫଳ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୋଟ ୧୦୦ ଜଣଙ୍କୁ ସେନସେସ ସମ୍ପର୍କିତ ଆବଶ୍ୟକ ତାଲିମ ଦିଆଯାଉଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ତଥ୍ୟ ସଂଗ୍ରହ କାର୍ଯ୍ୟକୁ ସଠିକ ଓ ସୁଚାରୁ ଭାବେ କରିବାରେ ସହାୟତା ମିଳିବ ବୋଲି ପ୍ରଶାସନ ଆଶା ବ୍ୟକ୍ତ କରିଛି। ସନ୍ତୋଷ କୁମାର ଆଚାର୍ଯ୍ୟ, ସିକିତା ଗୌଡ଼ା, ଡେପୁଟି କଲେକ୍ଟର (ଜିଏଣ୍ଡଏମ୍), କଲେକ୍ଟରେଟ୍ ଗଞ୍ଜାମ ପ୍ରମୁଖ ଉପସ୍ଥିତ ଥିଲେ।

# ଅଳଙ୍କାର ସହ ୫୦ ହଜାର ଟଙ୍କା ଲୁଟିନେଲେ

କୋଦଳା,୨୧।୩(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ନୂଆଗଡ ସ୍ଥିତ ପ୍ରଭାତ ସ୍ୱାଇଁଙ୍କ ଘରୁ ଶୁକ୍ରବାର ରାତ୍ରିରେ ଛାତ ଉପରେ ଥିବା ଧୂଆଁ ନଳା ପ୍ଲେଟ ଭାଙ୍ଗି ଦୃବର୍ତ୍ତମାନେ ଆଲମିରା ଏବଂ ଆଟାଚ ଭାଙ୍ଗି ପ୍ରାୟ ୪୦ ଭରି ରୁପା, ସୁନା ୧ଭରି, ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ବେଳେ ଏଦିଗରେ ପୁଲିସ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ରଥ ପାଇଁ ଗଲା ୧୬ ଖଣ୍ଡ ଫାସିକାଠ



ବୁଗୁଡ଼ା,୨୧।୩(ସମିସ): ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ରଥ ତିଆରି ପାଇଁ ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳରୁ କାଠ ଯାଇଛି। ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଖରିଡା, ବଡଖୋଲି, ସାନଖୋଲି ଅଞ୍ଚଳରୁ ୧୬ ଜଣ ଧାର୍ମିକ ବ୍ୟକ୍ତି ଉକ୍ତ ୧୬ଟି ବୃହତ୍ ଫାସି ଗଛ ରଥ ନିର୍ମାଣ ସକାଶେ ଦାନ କରିଥିଲେ। ପୂଜାପାଠ ସମ୍ପାଦନ କଲାପରେ କାଠ ଗୁଡିକୁ ବୁଗୁଡ଼ା ବଡଦାଣ୍ଡ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖକୁ ଅଣାଯାଇଥିଲା। ତାପରେ ସେଠାରେ ବାଦ୍ୟବାଜଣା ସହ ପୂଜାର୍ଚ୍ଚନା ପରେ ଟ୍ରକ୍‌ରେ ସେଗୁଡିକୁ ପୁରୀକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଡ. ବିପାଶା ପାରୁଲ୍, ଏସିଏଫ୍ ପ୍ରଦୀପ କୁମାର ବେହେରା, ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ ଓ ସମସ୍ତ ବନ କର୍ମଚାରୀ, ବୁଗୁଡ଼ା ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତା, ବୁଗୁଡ଼ା ଅଞ୍ଚଳର ବୁଦ୍ଧିଜୀବୀ ଓ ବହୁ ଜଗନ୍ନାଥ ପ୍ରେମୀ ଯୋଗ ଦେଇଥିଲେ।

# ତାରାତାରିଣୀ ମନ୍ଦିର ହୁଣ୍ଡିରୁ ମିଳିଲା ୭.୮ ଲକ୍ଷ ଟଙ୍କା

ପୁରୁଷୋତ୍ତମପୁର,୨୧।୩(ସମିସ): ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମାତାରାତାରିଣୀଙ୍କ ପୀଠର ଦାନ ହୁଣ୍ଡି ଶୁକ୍ରବାର ଖୋଲାଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପୁରୁଷୋତ୍ତମପୁର ତହସିଲଦାର ମନ୍ଦିରର ନିର୍ବାହୀ ଅଧିକାରୀ ବିନୋଦ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସେବାୟତଙ୍କ ଉପସ୍ଥିତିରେ ମନ୍ଦିର ବେଢାରେ ରହିଥିବା ସମସ୍ତ ଦାନହୁଣ୍ଡି ଖୋଲାଯାଇ ଗଣନା କରାଯାଇଥିଲା। ୨୦ରୁ ଊର୍ଦ୍ଧ୍ୱ ତହସିଲ କର୍ମଚାରୀଙ୍କ ଗଣତିରେ ସାମିଲ ହୋଇଥିଲେ। ମନ୍ଦିର ଉପର ହୁଣ୍ଡିରୁ ୭ଲକ୍ଷ ୧୭ହଜାର ୫୪୫ଟଙ୍କା ବାହାରିଥିବା ବେଳେ ତଳ ହୁଣ୍ଡିରୁ ୬୮ହଜାର ୪୨୫ ଟଙ୍କା ମିଳିଥିଲା। ସମସ୍ତ ଟଙ୍କା ପୁରୁଷୋତ୍ତମପୁର ଆକ୍ସିସ ବ୍ୟାଙ୍କରେ ଜମା କରାଯାଇଥିବା ତହସିଲଦାର କହିଛନ୍ତି। ଏହି ଗଣତିରେ ଅତିରିକ୍ତ ତହସିଲଦାର କେ. ଦେବାଶିଷ ମହାପାତ୍ର, ରାଜସ୍ୱ ସୁପରଭାଇଜର ଚିତ୍ରସେନ ସାହୁ, ସମସ୍ତ ରାଜସ୍ୱ କିରାଣି, ଅମିନଙ୍କ ସମେତ ପୂଜକ ବାପୁଜୀ ରଣା, ଅନ୍ୟ ସେବାୟତ ଉପସ୍ଥିତ ଥିଲେ।

# ମହାବାରୁଣୀ ପରେ ଋଷିକୁଲ୍ୟା ପଠା ଆବର୍ଜନାମୟ

ଆସିକା,୨୧।୩(ସମିସ): ଗଞ୍ଜାମ ଜିଲ୍ଲା ଆସିକାରେ ଅବସ୍ଥିତ ବଡ଼ନଦୀ ଓ ଋଷିକୁଲ୍ୟା ନଦୀର ସଙ୍ଗମ ସ୍ଥଳ। ଉତ୍ତର ବାଙ୍କରେ ଏହି ଦୁଇଟି ନଦୀର ମିଳନ ସ୍ଥଳ ଥିବାରୁ ଏଠି ପ୍ରତିବର୍ଷ ଚୈତ୍ର ମାସରେ ମହାବାରୁଣୀ ବୁଡ଼ ପକାନ୍ତି ଶ୍ରଦ୍ଧାଳୁ। ଗତ ୧୭ ତାରିଖରେ ମହାବାରୁଣୀରେ ହଜାର ହଜାର ଲୋକେ ଅସ୍ଥି ବିସର୍ଜନ କରି ବୁଡ଼ ପକାଇଥିଲେ। ଆଉ କିଏ କିଏ ପୂର୍ବଜଙ୍କୁ ପିଣ୍ଡଦାନ କରିଥିଲେ। ହେଲେ ବୁଡ଼ ପରେ ଏହି ସ୍ଥଳରେ ପଡି ରହିଛି କୁଢ଼ କୁଢ଼ ଆବର୍ଜନା ଓ ସୃଷ୍ଟି ହେଉଛି ପୁତିଗନ୍ଧମୟ ପରିବେଶ। ଯେଉଁଠି ଦିନେ ଲୋକେ ପବିତ୍ର ମନେ କରି ପୂର୍ବଜଙ୍କ ଅସ୍ଥି ବିସର୍ଜନ କରି ପିତୃ ତର୍ପଣ କରିଥିଲେ ଆଜି ସେଠାରେ



ସଫା କରିବାକୁ ଭୁଲିଗଲା ପ୍ରଶାସନ

ଖାଲି କୁଢ଼ କୁଢ଼ ମଇଳା, ଆବର୍ଜନା। ସତେ ଯେମିତି ବଡ଼ ନଦୀ ଓ ଋଷିକୁଲ୍ୟା ନଦୀର ଏହି ସଙ୍ଗମ ସ୍ଥଳଟି ପଲିଥିନ, ଭଙ୍ଗା କାଚ, ଫଟୋ, ପୁରୁଣା ମାଣବସା ଗୁରୁବାର ସାମଗ୍ରୀ, ଅସ୍ଥି ରଖା ଯାଇଥିବା କଳସି, ପିଣ୍ଡଦାନ ସାମଗ୍ରୀ ଆଦିରେ ବିକ୍ଷିପ୍ତ ହୋଇ ହତଶ୍ରୀ ହୋଇପଡ଼ିଛି। ଆବର୍ଜନା ସବୁ ନଦୀ ଜଳରେ ଭାସୁଥିବାରୁ ନଦୀ ପାଣି ପଦୂଷିତ ହେଉଛି। ପୁରାଣ ବର୍ଣ୍ଣିତ ଗଙ୍ଗା ନଦୀଠୁ ହଜାରେ ବର୍ଷ ବଡ଼ ଋଷିକୁଲ୍ୟା ନଦୀରେ ବୁଡ଼ ପକାଇ ଲୋକେ କୃତାର୍ଥ ହୁଅନ୍ତି ବୋଲି କୁହାଯାଏ। ହେଲେ ଏବେ ସେହି ସ୍ଥାନରେ ଏଭଳି ପରିବେଶ ସୃଷ୍ଟି କରିଥିବାରୁ ଧାର୍ମିକ ଭାବନାକୁ କୁଠାର ଘାତ କରିଛି। ଏପରିକି ପ୍ରଶାସନର ମଧ୍ୟ ବୁଡ଼ ତୋଟାର ସଫେଇ ପ୍ରତି ଦୃଷ୍ଟି ଦେଉନାହିଁ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ ଓ ପରିବେଶବିତ୍। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମନୋରଞ୍ଜନ ରାଜ୍ୟ ବିଜେପି ଏସ୍‌ସି ମୋର୍ଚ୍ଚା ସମ୍ପାଦକ



ରମ୍ଭା,୨୧।୩(ସମିସ): ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାବୁଲିଆ ପଞ୍ଚାୟତର ଯୁବନେତା ତଥା ସମାଜସେବୀ ମନୋରଞ୍ଜନ ବେହେରାଙ୍କୁ ଦଳୀୟ ହାଇକମାଣ୍ଡଙ୍କ ଅନୁମୋଦନ କ୍ରମେ ତଥା ଘୁମୁସର ଜିଲ୍ଲା ପରିସରଭୁକ୍ତ ରାଜ୍ୟସ୍ତରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ନବନିର୍ବାଚିତ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସଂଗଠନ ମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଦଳୀୟ ବରିଷ୍ଠ ପଦାଧିକାରୀ ମାନଙ୍କ ଉପସ୍ଥିତିରେ ମନୋନୀତ କରାଯାଇଥିଲା। ତାଙ୍କର ଏହିଭଳି ସଫଳତା ପାଇଁ ଜିଲ୍ଲା କାର୍ଯ୍ୟାଳୟ ହିଞ୍ଜିଳିକାଟୁ ପରିସରରେ ଜିଲ୍ଲାର ବିଧାୟକ, ମନ୍ତ୍ରୀ, ବରିଷ୍ଠ ପଦାଧିକାରୀ ମାନେ ତାଙ୍କର ନିଯୁକ୍ତିକୁ ସ୍ୱାଗତ, ସମ୍ବର୍ଦ୍ଧନା ଜଣାଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିଜୟକୁମାର ସ୍ୱାଇଁ (ଜିଲ୍ଲା ସଭାପତି), ଜଗା ନାରାୟଣ ଦାସ (ରାଜ୍ୟ ସଂଯୋଜକ), ସାରଦା ଶତପଥୀ (ରାଜ୍ୟ ସାଧାରଣ ସଂମ୍ପାଦକ), ପ୍ରକାଶ ମଙ୍ଗରାଜ (ଜିଲ୍ଲା ପ୍ରଭାରୀ), ଯଜ୍ଞ ନାରାୟଣ ଦାସ (ଜିଲ୍ଲା ସାଧାରଣ ସମ୍ପାଦକ), ଅନିଲ କୁମାର ପଣ୍ଡା (ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ), ଭାରତୀ ବେହେରା (ପୂର୍ବତନ ବିଧାୟକ ପାର୍ଥୀନୀ), ବିଜୟଲକ୍ଷ୍ମୀ ବାଲା (ଏସସି ମୋର୍ଚ୍ଚା ଉପସଭାପତି) ପ୍ରମୁଖ ଅନେକ ଦଳୀୟ ପଦ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ।

ଅବ୍ୟବସ୍ଥା ଘେରରେ ଡୁଡୁମା କଲୋନୀ ବସ୍ଷ୍ଟାଣ୍ଡ

# ଅସରାଏ ବର୍ଷାରେ ଆଣ୍ଠୁଏ ପାଣି; ମୁହଁ ଫେରାଉଛନ୍ତି ଯାତ୍ରୀ



ବ୍ରହ୍ମପୁର, ୨୧।୩ (ସମିସ): ସହରର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ, ଓଭରବ୍ରିଜ୍ ନିର୍ମାଣ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ନୂଆ ବସଷ୍ଟାଣ୍ଡର ଠିକଣା ବଦଳିଥିଲା। ସହର ଭିତରେ ଥିବା ବସଷ୍ଟାଣ୍ଡ ବନ୍ଦ ବି ହୋଇଗଲା। ନୂତନ ଭାବେ ଫାଷ୍ଟଗେଟ୍ ସ୍ଥିତ ଡୁଡୁମା କଲୋନୀରେ ନୂତନ ବସଷ୍ଟାଣ୍ଡ ହେଲା। ଏଠାରୁ ଜିଲ୍ଲାର ଅନେକ ସ୍ଥାନକୁ ଗାଡ଼ି ଗଡ଼ିଲା। ପାଗ ଯେତେଦିନ ଭଲ ଦିନ ସବୁ କିଛି ଠିକ୍ ଥିଲା। ହେଲେ ଗତକାଲି ହୋଇଥିବା ସାମାନ୍ୟ ବର୍ଷା ଡୁଡୁମା କଲୋନୀ ବସଷ୍ଟାଣ୍ଡର ସମସ୍ୟା ପଦାରେ ପକାଇଦେଲା। ଘଣ୍ଟାଏ କାଳ ହୋଇଥିବା ବର୍ଷାରେ ବସଷ୍ଟାଣ୍ଡ ସାରା ପାଣି ଜମିଥିଲା। ଯାତ୍ରୀ ଯିବାକୁ ଅମଙ୍ଗ ହୋଇଥିଲେ। ବସଷ୍ଟାଣ୍ଡ କଡ଼ରେ ଠିଆ ହୋଇଥିଲେ କିନ୍ତୁ ବସ ନିକଟକୁ ଯିବାକୁ ସୁରକ୍ଷିତ ମଣିନଥିଲେ। ଡୁଡୁମା କଲୋନୀ ବସଷ୍ଟାଣ୍ଡ ଏବେ ଅବ୍ୟବସ୍ଥାର ଘେରରେ ପଡ଼ି ରହିଛି। ସ୍ୱଳ୍ପ ବର୍ଷା ହେଲେ ମାତ୍ରେ ଷ୍ଟାଣ୍ଡ ଭିତରେ ଆଣ୍ଠୁଏ ପାଣି ଜମିଯାଉଛି, ଯାହା ଯାତ୍ରୀମାନଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ପାଣି ଜମି ରହିବାରୁ ଚାରିପାଖରେ ଦୁର୍ଗନ୍ଧ ମଧ୍ୟ ହୋଇଛି। ବର୍ଷା ପାଣି ନିଷ୍କାସନ ଲାଗି ସଠିକ ବ୍ୟବସ୍ଥା ନାହିଁ।

ଦିନ ତମାମ ଅଭିଯୋଗ ପରେ ସନ୍ଧ୍ୟାରେ ପାଇପ୍ ଓ ମେସିନ୍ ସହଯୋଗରେ ଉକ୍ତ ପାଣି ନିଷ୍କାସନ କରାଯାଇଥିବା ଦେଖିବାକୁ ମିଳିଛି। ଏହା ସହିତ ବସଷ୍ଟାଣ୍ଡରେ ସଫା-ସୁତୁରାର ଅଭାବ ପରିଲକ୍ଷିତ ହୋଇଛି। ଯେଉଁଠାରେ ତ୍ରାସ୍ତ ଯାତ୍ରୀମାନେ ଦଣ୍ଡାୟମାନ ହେବାକୁ ବାଧ୍ୟ, ସେଠାରେ ପାଣି ଜମିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ବସ ଆସିଲେ ଓ ଯିବାବେଳେ ଯାତ୍ରୀମାନେ ଏହି ପାଣି ଓ କାଦରେ ଦେଇ ଆଜି ଯିବାକୁ ବାଧ୍ୟ ହୋଇଛନ୍ତି। କେବଳ ଏତିକି ନୁହେଁ ବର୍ଷା ପାଇଁ ବସ ପାର୍କିଂ କରିବା ବି ସମସ୍ୟା ଭାବେ ଉଭା ହୋଇଛି। ପାର୍କି ସମୟରେ ବସ୍ ଦବି ଯାଉଥିବା ବସ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଯଦି ଏ ସମ୍ପର୍କରେ ଆଗୁଆ ଚିନ୍ତା କରନ୍ତ ତେବେ ଏଭଳି ସମସ୍ୟା ଦେଖାଦେଇ ନଥାନ୍ତା ବୋଲି ଯାତ୍ରୀମାନେ ପ୍ରକାଶ କରିଛନ୍ତି। ବର୍ଷା ଦିନ ପୂର୍ବରୁ ଏହାର ରୂପରେଖ ବଦଳିବା ଆବଶ୍ୟକତା ରହିଛି ବୋଲି ବସ୍ କର୍ମଚାରୀ ଓ ଯାତ୍ରୀମାନେ ଦାବି କରିଛନ୍ତି।

## ବିପୁଳ ପରିମାଣର ବିଦେଶୀ ମଦ ଜବତ; ଜଣେ ଗିରଫ

ବ୍ରହ୍ମପୁର,୨୧।୩(ସମିସ): ସଦର ପୁଲିସ ଏକ ଅବୈଧ ବିଦେଶୀ ମଦ ବିକ୍ରି ଅଭିଯୋଗରେ ନଳିହାଡ଼ ଗ୍ରାମର ପିଣ୍ଟୁ ସ୍ୱାଇଁ(୩୮)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ନାଁରେ ବିଭିନ୍ନ ଥାନାରେ ୭ଗୋଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ୧୦ବୋତଲ କିଙ୍ଗଫିସର ବିୟର, ୫ ଟିନ୍ ବଡୱାଇଜର ବିୟର, ୧୦ବୋତଲ ମ୍ୟାକ୍ଡୱେଲ୍ସ ନଂ.୧ ହ୍ୱିସ୍କି ଏପରି ମୋଟ ୧୦.୮୦୦ ଲିଟର ବିଦେଶୀ ମଦ ଜବତ ହୋଇଛି। ମାମଲା ନଂ ୧୪୭/୨୬ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୧।୩(ସମିସ): ଜଣେ ଯବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଗଜପତିନଗର ୭ମ ଲାଇନର ସଞ୍ଜୟ ପାଢୀ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(୩୭/୨୬) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୂଚନାପ୍ରକାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜାନୁଆରୀ ୨୧ତାରିଖରେ ଗଜପତିନଗର ୭ମ ଲାଇନର ବଳରାମ ପଣ୍ଡାଙ୍କୁ କିଛି ଅସାମାଜିକ ଯୁବକ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବଳରାମଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ବଳରାମଙ୍କ ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତ ସଞ୍ଜୟ ଫେରାର ରହିଥିଲେ। ଗତକାଲି ସଞ୍ଜୟ ନିଜ ଘରକୁ ଆସିଥିବା ସୂଚନା ପାଇବା ପରେ ପୁଲିସ ଚଢଉ କରି ତାଙ୍କୁ କାବୁ କରିଥିଲା।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବୃତ୍ତି ପ୍ରଦାନ




ବ୍ରହ୍ମପୁର,୨୧।୩(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣେଶ ହଲରେ ଏକ ଟ୍ରଷ୍ଟ ପକ୍ଷରୁ ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ ବୃତ୍ତି ବଣ୍ଟନ କରିଥିଲେ। ବୃତ୍ତି ନିମନ୍ତେ ୪୦୦ଜଣ ଆବେଦନ କରିଥିବା ବେଳେ ସେଥି ମଧ୍ୟରୁ ମୋଟ ୧୬୪ଜଣ ପରୀକ୍ଷା ମାର୍କ ଆଧାରରେ ମନୋନୀତ ହୋଇଥିଲେ। ଟ୍ରଷ୍ଟ ପକ୍ଷରୁ ୩ଟି ବର୍ଗର ବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷା ରାଣୀ ରଥ ସଂଯୋଜନା କରିଥିଲେ। ଶେଷରେ ଡ. ଗୌତମ ସାବତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ



ବ୍ରହ୍ମପୁର,୨୧।୩(ସମିସ): ବନବିଭାଗ ପକ୍ଷରୁ ଆରସିସିଏଫ୍ଙ୍କ ବୈଠକ ଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନମଣ୍ଡଳ ଆରସିସିଏଫ୍ ବିଶ୍ୱନାଥ ଏନ୍ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଡିସିଏଫ୍ ଆଦିତ୍ୟ ନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ବ୍ରହ୍ମପୁର ଉପଖଣ୍ଡରୁ ରଙ୍ଗେଇଲୁଣ୍ଡାର ସାତକୁଟୁଣୀ ପଞ୍ଚାୟତ, ଛତ୍ରପୁର ଉପଖଣ୍ଡରୁ ଖଲ୍ଲିକୋଟର ଡିମିରିଆ ପଞ୍ଚାୟତ, ଭଞ୍ଜନଗର ଉପଖଣ୍ଡରୁ ଉପଖଣ୍ଡ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ନେଟାଙ୍ଗ ଓ ଜିଲ୍ଲାର ଶ୍ରେଷ୍ଠ ଅନୁଷ୍ଠାନ ଭାବେ ପାତ୍ରପୁରର ଏସ୍ଏସ ବିଦ୍ୟପୀଠ ପୁରସ୍କୃତ ହୋଇଥିଲେ। ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯୋଗଦେଇ ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା ଉପରେ ନିଜର କବିତା ଓ ଲେଖନୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଏସିଏଫ୍ ମାଣିକେଶ୍ୱରୀ ହଂସଦା, ମନୋଜ ପାତ୍ର, ଦିବ୍ୟ ଶଙ୍କର ବେହେରା, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ମଞ୍ଚ ପରିଚାଳନା କରିଥିବା ବେଳେ ଏସିଏଫ୍ ସସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ସଫଳତା

ବ୍ରହ୍ମପୁର,୨୧।୩(ସମିସ): ସ୍ୱାସ୍ଥ୍ୟସେବା ନେଇ ରାଜ୍ୟସ୍ତରୀୟରେ ପ୍ରଶଂସା ସାଉଁଟିଛି ଗଞ୍ଜାମ ଜିଲ୍ଲା। ଚଳିତବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଜାତୀୟ ଗୁଣବତ୍ତା ମାନ ପ୍ରମାଣ ପତ୍ର କ୍ଷେତ୍ରରେ ଜିଲ୍ଲାର ସଫଳତା ହାସଲ କରିଛି। ଜିଲ୍ଲାର ସମସ୍ତ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସଫଳତା ସହିତ ଜାତୀୟ ମାନ୍ୟତା ପାଇଛି। ସେହିପରି ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ୬ଟି ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ରରୁ ୨୩୧ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ଜାତୀୟ ଗୁଣବତ୍ତା ମାନ ପ୍ରମାଣପତ୍ର ଅନୁସାରେ ସଫଳତା ହାସଲ କରିଛନ୍ତି। ସେହିପରି କୟାକଳ୍ପ ପୁରସ୍କାର ୨୦୨୫-୨୬ରେ ମଧ୍ୟ ଗଞ୍ଜାମ ଜିଲ୍ଲା ଶୀର୍ଷ ସ୍ଥାନ ଅଧିକାର କରିଛି। ଗୋଟିଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୪ଟି ଉପଖଣ୍ଡ ଚିକିତ୍ସାଳୟ, ୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୫୮ଟି ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩୦୫ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ଏବଂ ୧୯ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ସଫଳତା ହାସଲ କରିଛନ୍ତି। ଏଭଳି ଜିଲ୍ଲରେ ମୋଟ ୪୩୮ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ କୟାକଳ୍ପ ଅଧୀନରେ ପୁରସ୍କୃତ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ଫଳରେ ଗଞ୍ଜାମ ଜିଲ୍ଲା ରାଜ୍ୟରେ ସର୍ବାଧିକ ଜାତୀୟ ଗୁଣବତ୍ତା ମାନ ପ୍ରମାଣପାତ୍ର ଏବଂ କୟାକଳ୍ପ ପୁରସ୍କାର ପାଇଥିବା ଜିଲ୍ଲା ଭାବେ ପରିଚିତ ହୋଇଛି। ଆଉଟ ସୋର୍ସିଂ ଓ ନିୟମିତ କର୍ମଚାରୀ ଏବଂ ଅଧିକାରୀ ଉତ୍ତମ ସେବାରୁ ଜିଲ୍ଲା ରାଜ୍ୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଯାହାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ତେବେ ମେଡ଼ିକାଲ ଗୁଡ଼ିକରେ ଖାଲି ଥିବା ପଦବୀ ପୂରଣ ଓ ଉଚିତ ସମୟରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳିଲେ ଗଞ୍ଜାମ ସବୁଠି ପ୍ରଶଂସିତ ହେବ ନିଶ୍ଚୟ।

ହଳଦିଆପଦର ବସ୍ଷ୍ଟାଣ୍ଡ

## ଶୌଚାଳୟରେ ଫି' ଆଦାୟକୁ ନେଇ ଅସନ୍ତୋଷ






ବ୍ରହ୍ମପୁର,୨୧।୩(ସମିସ): ସହରରେ ନିର୍ମାଣାଧିନ ଓଭର୍ ବ୍ରିଜ ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ନୂଆ ବସ୍ଷ୍ଟାଣ୍ଡକୁ ନିକଟରେ ହଳଦିଆପଦର ଓ ଡୁଡୁମା କଲୋନୀକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲେ ହେଁ ଯାତ୍ରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ହଳଦିଆପଦର ବସ୍ଷ୍ଟାଣ୍ଡରେ ଥିବା ଶୌଚାଳୟ ବ୍ୟବହାର ପାଇଁ ଯାତ୍ରୀଙ୍କୁ ଟଙ୍କା ଦେବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଯାତ୍ରୀଙ୍କ ଠାରୁ ପରିସ୍ରା ପାଇଁ ୫ଟଙ୍କା ଏବଂ ସ୍ନାନ ଓ ଶୌଚ ପାଇଁ ୧୦ଟଙ୍କା ଲେଖାଏଁ ଫି ଆଦାୟ କରାଯାଉଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଏହା ଆର୍ଥିକ ବୋଝ ସଦୃଶ। ବସଷ୍ଟାଣ୍ଡ ଶୁଭାରମ୍ଭ ପୂର୍ବରୁ ୱାଟକୋ ପକ୍ଷରୁ ନିଶୁଳ୍କ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। ବସଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟର ନିର୍ମାଣ କାର୍ଯ୍ୟା ଜାରି ରହିଥିବାରୁ ୱାଟକୋ ପକ୍ଷରୁ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏଠାରେ ଉକ୍ତ ବ୍ୟବସ୍ଥା ନଥିବାରୁ ଯାତ୍ରୀଙ୍କୁ ବାଧ ହୋଇ ଟଙ୍କା ଦେଇ ଶୌଚାଳୟ ବ୍ୟବହାର କରିବାକୁ ପଡୁଛି। ଶୌଚାଳୟ ବ୍ୟବହାର ବାବଦକୁ ଧାର୍ଯ୍ୟ ଫି' ଯାତ୍ରୀଙ୍କ ନିମନ୍ତେ ଅଧିକ ରହୁଥିବା ଅନେକ ଯାତ୍ରୀ ଅଭିଯୋଗ କରିଛନ୍ତି। ଯଦ୍ୱାରା ବହୁ ଯାତ୍ରୀ ଖୋଲାରେ ପରିସ୍ରା କରୁଥିବାରୁ ବସଷ୍ଟାଣ୍ଡ ପରିସର ଅପରିଷ୍କାର ହେଉଛି। ଯାହାକୁ ନେଇ ଜନସାଧାରଣ ଓ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ନିଶୁଳ୍କ କିମ୍ବା ସ୍ୱଳ୍ପ ମୂଲ୍ୟରେ ଶୌଚାଳୟ ସୁବିଧା ଉପଲବ୍ଧ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଇଡ଼ିଏ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ଟି-୨୦ କ୍ରିକେଟ୍

## ରାଉରକେଲା, ଜଗତ୍ସିଂହପୁର ଯୁଗ୍ମ ଚାମ୍ପିଅନ

ବ୍ରହ୍ମପୁର,୨୧।୩(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ୧୬ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରାଉରକେଲା ଓ ଜଗତସିଂହପୁର ଦଳ ମଧ୍ୟରେ ହେବାକୁ ଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ ଖେଳାଯାଇପାରିନଥିଲା। ଫଳରେ ବାଧ ହୋଇ ଆୟୋଜକ ଆଲ୍ଫା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଉଭୟ ରାଉରକେଲା ଓ ଜଗତସିଂହପୁର ଦଳକୁ ଯୁଗ୍ମ ଚାମ୍ପିଆନ ବିବେଚିତ କରାଯାଇଥିଲା। ଚାମ୍ପିଆନ ଦଳ ପାଇଁ ଥିବା ନଗଦ ୮୦ହଜାର ଓ ରନର୍ସଅପ ଦଳ ପାଇଁ ଥିବା ୬୦ହଜାର ଟଙ୍କାକୁ ଉଭୟ ଦଳ ମଧ୍ୟରେ ଅର୍ଥାତ୍ ପ୍ରତ୍ୟେକ ଦଳକୁ ୭୦ହଜାର ଟଙ୍କା ଲେଖାଏଁ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ଆୟୋଜକ ଆଲ୍ଫା ସ୍ପୋର୍ଟିଂ କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ ଉଭୟ ଯୁଗ୍ମ ବିଜେପତା ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

### ଫାଇନାଲ୍ରେ ବର୍ଷା ବାଧକ





ବର୍ଷା ଯୋଗୁଁ ଟୁର୍ଣ୍ଣାମେଣ୍ଟର ଖେଳ ବାଧାପ୍ରାପ୍ତ ହେବାରୁ ଉଭୟ ଦଳ, ଆୟୋଜକ ଓ କ୍ରିକେଟ ପ୍ରେମୀ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି।

ଚଳିତ ମାସ ୩୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଡ୍ରାଇଭ୍

## ଗଞ୍ଜାମରେ ବାତିଲ ହେଲାଣି ୩,୮୫୯ ଡ୍ରାଇଭିଂ ଲାଇସେନ୍ସ

ବ୍ରହ୍ମପୁର,୨୧।୩(ସମିସ): ଗଞ୍ଜାମ ଜିଲ୍ଲାରେ ପରିବହନ ବିଭାଗର ନିୟମ ଉଲ୍ଲଂଘନ କରୁଥିବା ଅମାନିଆଙ୍କ ବଢୁଛି ଟେନସନ। ବିଭାଗ ପକ୍ଷରୁ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ମୋଟା ଅଙ୍କର ଜରିମାନ ଧାର୍ଯ୍ୟ କରାଯାଉଛି। ଆବଶ୍ୟକସ୍ଥଳେ ଡ୍ରାଇଭିଂ ଲାଇସେନ୍ସ(ଡ଼ିଏଲ) ବାତିଲ କାରାଯାଉଛି। ବିଭାଗ ପକ୍ଷରୁ ଏଭଳି ଭାବେ କଡା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଗତ ଦୁଇବର୍ଷରେ ମୋଟ ୩,୮୫୯ ଜଣ ଅମାନିଆଙ୍କ ଡ଼ିଏଲ ବାତିଲ କରାଯାଇଛି। ସେହିପରି ୨୩ହଜାର ୭୮୭ ଜଣଙ୍କୁ ଠାରୁ ୧୫କୋଟି ୨୪ଲକ୍ଷ ୭୧ହଜାର ୭୧୫ଟଙ୍କା ଜରିମାନା ଗତ ମାର୍ଚ୍ଚ ୨୦୨୪ ଠାରୁ ଚଳିତ ବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଆଦାୟ କରାଯାଇଥିବା ଗଞ୍ଜାମ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ସହିତ ଅମାନିଆଙ୍କୁ ନିୟନ୍ତ୍ରଣ କରିବାକୁ ଚଳିତ ମାସ ୨୧ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୫ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ଗୁଡିକ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପୁଲିସ ସହଯୋଗରେ ଯାନବାହନ ଯାଞ୍ଚ କରିବେ। ଯାଞ୍ଚ ସମୟରେ ହେଲମେଟ ପରିଧାନ, ଡ୍ରାଇଭିଂ ଲାଇସେନ୍ସ, ମଦ୍ୟପାନ ଅବସ୍ଥାରେ ଗାଡ଼ି ଚାଳନା, ସିଟ୍ ବେଲ୍ଟ ବ୍ୟବହାର ଭଳି ମୁଖ୍ୟ ନିୟମଗୁଡ଼ିକୁ କଡାଭାବେ ଯାଞ୍ଚ କରାଯିବ। ନିୟମ ଉଲ୍ଲଂଘନ କଲେ ତତକ୍ଷଣାତ୍ ଜରିମାନା ଆଦାୟ ସହ ଆବଶ୍ୟକ ହେଲେ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବ ବୋଲି ଆରଟିଓ ଦେବାଶିଷ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଅଭିଯାନ ଫଳରେ ଅମାନିଆ ଚାଳକମାନଙ୍କ ମଧ୍ୟରେ ଭୟ ଓ ସଚେତନତା ବଢୁଥିବା ଦେଖାଯାଉଛି।

୧୫କୋଟି ୨୪ଲକ୍ଷ ଜରିମାନା ଆଦାୟ

## ଜମି ଦେବା ନାଁରେ ୨୧ଲକ୍ଷ ଟଙ୍କା ଠକେଇ; ପୂଜକ ଗିରଫ

ବ୍ରହ୍ମପୁର,୨୧।୩(ସମିସ): ଜଣେ ମହିଳାଙ୍କୁ ଜମି ବିକ୍ରି କରିବା ନାଁରେ ୨୧ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେ ହେଲେ ଗୋଶାଣୀନୂଆଗାଁ ଚାରି ଡିବା ସାହିର ସଦାଶିବ ଆଚାର୍ଯ୍ୟ (୪୮)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଜମି ବିକ୍ରି ସମ୍ବନ୍ଧୀୟ ୧୦ଟି ଚୁକ୍ତିପତ୍ର ଜବତ କରିଛି। ମାମଲା ନଂ୧୦୦/୨୬ ରେ ପୁଲିସ ତାଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ ଅଭିଯୁକ୍ତ ସଦାଶିବ ଆଚାର୍ଯ୍ୟ ପେଷାରେ ପୂଜକ। ଲୋକଙ୍କ ସହିତ ସମ୍ପର୍କ ଗଢ଼ି ଜମି ବିକ୍ରି କରିବାର ଯୋଜନା କରନ୍ତି। ଏହି ମାମଲାରେ ଗତ କିଛି ବର୍ଷ ଧରି ସେ ଅଭିଯୋଗକାରିଣୀଙ୍କ ସହିତ ଘନିଷ୍ଠତା ଗଢ଼ିବାକୁ ଚେଷ୍ଟା କରିଥିଲେ। ଜମି ବିକ୍ରିର ବିଜ୍ଞାପନ ଦେଇ ଅଭିଯୋଗକାରିଣୀଙ୍କୁ ରାଜି କରାଇଥିଲେ। ତା'ପରେ ସେ ନକଲି ଓ ମିଛ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ନୋଟାରୀ ଏଫିଡେଭିଟ (ଷ୍ଟାମ୍ପ ପେପର) ଆକାରରେ ବିଜିପୁରର ସରତ ଚନ୍ଦ୍ର ଦାସ ଏବଂ ଆଉ ୮ ଜଣଙ୍କୁ ବିକ୍ରେତା ଭାବେ ଦର୍ଶାଇଥିଲେ। କିନ୍ତୁ ଅଭିଯୋଗକାରିଣୀ ସରତ ଚନ୍ଦ୍ର ଦାସ ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଦେଖିନଥିଲେ। ଅଭିଯୋଗକାରିଣୀ ଲିଙ୍ଗରାଜ ନଗରର ସୁନିତା ପ୍ରଧାନ ବିଭିନ୍ନ କିସ୍ତିରେ ମୋଟ ୨୧ ଲକ୍ଷ ଟଙ୍କା ସଦାଶିବଙ୍କୁ ଦେଇଥିଲେ। ଅନ୍ୟପଟେ ଅଭିଯୁକ୍ତ ଜମିର କବଜା ଦେବାକୁ ବାରମ୍ବାର ବିଳମ୍ବ କରିବାରୁ ଅଭିଯୋଗକାରିଣୀ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ପରେ ସେ ଅଭିଯୁକ୍ତଙ୍କ ଯୋଜନା ବିଷୟରେ ଜାଣିବାକୁ ପାଇଥିଲେ। ସେ ଲୋକଙ୍କୁ ନକଲି ଦସ୍ତାବିଜ ଦେଖାଇ ଠକିବାର କାର୍ଯ୍ୟ କରୁଥିଲେ। ତା'ପରେ ଅଭିଯୁକ୍ତ ତାଙ୍କୁ ମାଡ଼ ମାରିଥିଲେ ଏବଂ ଭୟଭୀତ କରି ଧମକ ଦେଇଥିଲେ। ଏହାପରେ ଅଭିଯୋଗକାରିଣୀ ପୁଲିସରେ ଏନେଇ ଅଭିଯୋଗ କରିଥିଲେ।

## ଆଗକୁ ଆଇପିଏଲ୍; ମାତିଲେଣି ଲୁଟେରା ଗ୍ୟାଙ୍ଗ

ବ୍ରହ୍ମପୁର, ୨୧।୩ (ସମିସ): ଆଗକୁ ଆଇପିଏଲ୍ ବା ଇଣ୍ଡିଆ ପ୍ରିମିଅର ଲିଗ୍ ଫଟାଫଟ କ୍ରିକେଟ। ଯାହାକୁ ନେଇ କେବଳ କ୍ରିକେଟ ପ୍ରେମୀ ଉତ୍ସାହିତ ନୁହଁନ୍ତି, ବରଂ ଏଥିରୁ ଲାଭ ଉଠାଉଥିବା ବୁକି ଗ୍ୟାଙ୍ଗ ମଧ୍ୟ ସକ୍ରିୟ। ଏବେଠାରୁ ସହରରେ ସକ୍ରିୟ ହେଲେଣି ବିଭିନ୍ନ ବୁକି ଗ୍ରୁପ। ସହରରେ ସକ୍ରିୟ ବିଭିନ୍ନ ଗ୍ରୁପ ମଧ୍ୟରୁ 'ନମସ୍ତେ' ଗ୍ରୁପ୍ ବେଶ୍ ସକ୍ରିୟ ଥିବା ଜଣାପଡିଛି। ସେପଟେ ଆଇପିଏଲ ଆରମ୍ଭ ହେଲେ ବେଟିଂ ସହିତ ସହରରେ ତଥା ଉପକଣ୍ଠରେ ସକ୍ରିୟ ହୋଇଥାନ୍ତି ଲୁଟେରା ଗ୍ୟାଙ୍ଗ। ଅବଶ୍ୟ ଏମାନେ କୌଣସି ଅପରାଧିକ ଗ୍ୟାଙ୍ଗ ସହିତ ସଂଶ୍ଳିଷ୍ଟ ନହୋଇ ବରଂ ବେଟିଂ ପାଇଁ ସ୍ୱଳ୍ପ ସମୟରେ ଅଧିକ ଉପାର୍ଜନ ଆଶାରେ ଏଭଳି କାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ବର୍ତ୍ତମାନ ପରିସ୍ଥିତିରେ ବର୍ଦ୍ଧିତ ସୁନା ଦରକୁ ଦୃଷ୍ଟିରେ ରଖି ଛିନ୍ତାଇ ଭଳି ଘଟଣା ଭିଆଇବାକୁ ପଛାଉନାହାନ୍ତି ଯୁବଗୋଷ୍ଠୀ। ଯେଉଁଥିରେ ସହରର ବିଭିନ୍ନ ଘରୋଇ ତଥା ସରକାରୀ ଶିକ୍ଷାନୁଷ୍ଠାନର ଛାତ୍ର ଅନ୍ତର୍ଭୁକ୍ତ। ପୂର୍ବରୁ ଏଭଳି ଅନେକ ନଜିର ମଧ୍ୟ ରହିଛି।

### କଳା ପଲ୍ସରରେ ଆସି ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ

ଆଇପିଏଲ କ୍ରିକେଟକୁ ଆଉ ମାତ୍ର ୭ଦିନ ଥିବା ବେଳେ ଏବେଠାରୁ ସହରରେ ବ୍ଲାକ ପଲସରର ଆତଙ୍କ ଦେଖିବାକୁ ମିଳିଛି। ଆଜି ଭୋର୍‌ରେ ନିମଖଣ୍ଡି ଥାନା ଅନ୍ତର୍ଗତ ବାସୁଦେବ ନଗର ପ୍ରଥମ ଲାଇନରେ ଏହି ଗ୍ୟାଙ୍ଗର ଶୀକାର ହୋଇଛନ୍ତି ବରିଷ୍ଠ ନାଗରିକ ଦମ୍ପତି। ସକାଳ ପ୍ରାୟ ୫ଟା ୪୫ରେ ବାସୁଦେବନଗର ପ୍ରଥମ ଲାଇନ୍ ନିବାସୀ ପ୍ରଫୁଲ୍ଲ ପଟ୍ଟନାୟକ୍ (୭୬) ଓ ତାଙ୍କ ପତ୍ନୀ ରାଜଶ୍ରୀ ମହାନ୍ତି (୬୯) ଘର ବାହାରେ ଥିଲେ। ଫୁଲ ତୋଳି ପ୍ରଫୁଲ୍ଲ ଘରକୁ ପ୍ରବେଶ କରୁଥିବା ବେଳେ ବାହାରେ ଝାଡୁ କରୁଥିଲେ ରାଜଶ୍ରୀ। ହଠାତ ଦୁଇଜଣ ଯୁବକ କଳା ପଲ୍ସରରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ପଳାଇଥିଲେ। ଘରକୁ ପଶୁଥିବା ପ୍ରଫୁଲ୍ଲ ସ୍ତ୍ରୀଙ୍କ ପାଟି ଶୁଣି ବାହାରକୁ ଆସି ଦେଖିବା ବେଳକୁ ସେ ରାସ୍ତାରେ ପଡ଼ି ଚିତ୍କାର କରୁଥିବା ଦେଖିଥିଲେ। ରାଜଶ୍ରୀଙ୍କ ବେକରୁ ଦୁର୍ବୃତ୍ତ ପ୍ରାୟ ଦେଢ଼ ଭରି ଓଜନର ସୁନା ଚେନ ଯାହାର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ଲୁଟି ନେଇଥିଲେ। ସୂଚନା ପାଇ ବ୍ରହ୍ମପୁର ଏସ୍ପି ଡା ସର୍ବଣା ବିବେକ ଏମଙ୍କ ନିର୍ଦ୍ଦେଶ କ୍ରମେ ନିମଖଣ୍ଡି ଥାନା ଇନ୍ସପେକ୍ଟର କୃଷ୍ଣ ସାହା ଓ ସଦର ଏସଡିପିଓ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚଳାଇଛନ୍ତି।



# ନାଳ ପାଣି ଭରସାରେ ଲାଇଲାଇ ଗ୍ରାମବାସୀ

■ ନାଳପାଣି ପାଇଁ ବି ଯିବାକୁ ପଡୁଛି ୨ କିଲୋମିଟର
■ ଗାଁରେ ଥିବା ୩ ନଳକୂପରୁ ବାହାରୁଛି ଦୂଷିତ ପାଣି
■ ଅଭିଯୋଗ ଜଣାଇ ଗ୍ରାମବାସୀ ନୟାନ୍ତ

ରାୟଗଡ,୨୧।୩(ସମିସ)




ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ବି ଏମିତି କିଛି ଗାଁ ଅଛି ସରକାରଙ୍କ ଏହି ଯୋଜନାର ସୁଫଳ ପହଁଞ୍ଚି ପାରିନାହିଁ। ଏମିତି ଏକ ଗାଁ ହେଉଛି ରାୟଗଡ ବ୍ଲକ ଲାଇଲାଇ। ଏଠାକାର ଲୋକେ ବିଶୁଦ୍ଧ ପାଣି ପାଇପାରୁନଥିବା ବେଳେ ନାଳ ପାଣି ହିଁ ସେମାନଙ୍କ ସାହା ଭରସା ହୋଇଛି। ଏହି ନାଳ ପାଇଁ ମଧ୍ୟ ସେମାନଙ୍କୁ ଦୁଇ କିମି ଯିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମର ମହିଳା ଅଭିଯୋଗ କରିଛନ୍ତି। ଅତିଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

ରାୟଗଡ ବ୍ଲକର ଲାଇଲାଇ ଗାଁ। ପଞ୍ଚାୟତ ସଦରମହକୁମା ଏହି ଗାଁରେ ଦେଢଶହରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଲୋକସଂଖ୍ୟା ପ୍ରାୟ ୧ହଜାର। ଏତେ ସଂଖ୍ୟକ ଲୋକଙ୍କ ପାଇଁ ଗାଁରେ ୩ ନଳକୂପ ରହିଥିବା ବେଳେ ସେଥିରୁ ବାହାରୁଥିବା ପାଣି ଏତେ ମଇଳା ଯେ ଲୋକେ ତାହାକୁ ପିଇବା ପାଇଁ ତ ଦୂରର କଥା ବ୍ୟବହାର ମଧ୍ୟ କରିବାକୁ ସାହସ କରିପାରୁନାହାନ୍ତି। ସେହିପରି ଗ୍ରାଭିଟି ଫ୍ଲୋ ମାଧ୍ୟମରେ ଗାଁକୁ ପାଣି ଯୋଗାଇବା ପାଇଁ ଏକ ପ୍ରକଳ୍ପ କରାଯାଇଥିଲେ ମଧ୍ୟ ତାହା ଲୋକଙ୍କ କାମରେ ଆସିପାରୁନାହିଁ। ଏଭଳି ସ୍ଥିତିରେ ଏହି ଗାଁର ଲୋକଙ୍କ ସାହା ଭରସା ପାଲଟିଛି ଗାଁ ଠାରୁ ଦୁଇ କିମି ଦୂରରେ ଥିବା ନାଳ। ଏହି ନାଳର ପାଣି ବର୍ଷା ଦିନରେ ଗୋଳିଆ ରହୁଥିବା ବେଳେ ଖରାଦିନେ ଜଳକଷ୍ଟ ଦେଖାଦେଉଛି। ଏଭଳି ସ୍ଥିତିରେ ଗାଁର ମହିଳା ଜଳ ସଂଗ୍ରହ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ପାଣି ବ୍ୟବହାର ଦ୍ୱାରା ବିଭିନ୍ନ ପ୍ରକାର ରୋଗରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଯାଏଁ ସବୁ ସ୍ଥାନରେ ଜାଣାଯାଇଛି। ହେଲେ ଆଜି ଯାଏଁ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିନଥିବା ବେଳେ ସରକାର ଏହି ଗାଁ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ତପସ୍ୱିନୀ ଦେବୀ, ରମ୍ଭା ଭୂୟାଁ, ଜୟ ଭୂୟାଁ, ରମେଶ ଶବରଙ୍କ ସମେତ ଗାଁର ମହିଳା ଦାବି କରିଛନ୍ତି। ଜଳ ପ୍ରକଳ୍ପ ଯୋଜନା ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ଏହା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଗାଁର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଉଥିବା ସରକାର ଦାବି କରୁଛନ୍ତି। ହେଲେ ବାସ୍ତବ ସ୍ଥିତି ଏହି ଗାଁର ଚିତ୍ରରୁ ସ୍ପଷ୍ଟ ବାରି ହୋଇପଡୁଛି। ଆଦିବାସୀ ଅଧ୍ୟୁଷିତ ଏହି ଗାଁ ଲୋକେ ଦୀର୍ଘ ବର୍ଷ ହେବ ଜଳକଷ୍ଟ ସମସ୍ୟାର ସମାଧାନ ପାଇଁ ଦାବି କରିଆସୁଥିଲେ ମଧ୍ୟ ସେମାନଙ୍କ କଥା କେହି ନଶୁଣିବା ନିଶ୍ଚିତ ପରିତାପର ବିଷୟ ହୋଇଛି। ଏନେଇ ପାରଳାଖେମୁଣ୍ଡି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ତପ୍ତପା ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଏହି ସମସ୍ୟା ସଂପର୍କରେ ସେମାନେ ଏବେ ଖବର ପାଇଥିବା କହିବା ସହ ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଦେଶ ସ୍ୱାଧୀନ ହେବାର ଇତି ମଧ୍ୟରେ ୭୫ରୁଅଧିକ ବର୍ଷ ବିତିସାରିଛି। ହେଲେ ଏହି ପଞ୍ଚାୟତର ଲୋକେ ଆଜି ବି ବିଶୁଦ୍ଧ ପାନୀୟ ଜଳ ପାଇଁ ଡହଳବିକଳ ହେବା ନିଶ୍ଚିତ ଭାବେ ଏକ ଚିନ୍ତାର କାରଣ ହୋଇଛି।

## କାଜୁ ଜଙ୍ଗଲରୁ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର



ପାରଳାଖେମୁଣ୍ଡି,୨୧।୩(ସମିସ): ଗୋଷାଣି ବ୍ଲକ ସୀତାପାହାଡ ତଟ ତଥା କୁଜଣି ନିକଟସ୍ଥ କାଜୁବାଡରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ଗୁରାଣ୍ଡି ଥାନା ଅନ୍ତର୍ଗତ ଘୋରଣୀ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା (୮୧) ବୋଲି ଜଣାପଡିଛି। ସେ ଦୁଇ ମାସ ହେଲା ନିଜ ଘରକୁ ଫେରିନଥିଲେ। ବହୁ ଖୋଜାଖୋଜି ପରେ କୃଷ୍ଣଙ୍କୁ ନପାଇ ଗୁରାଣ୍ଡି ଥାନାରେ ଗତମାସ ୧୭ ତାରିଖରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ଆଜି ସକାଳୁ ଉକ୍ତ କାଜୁ ଜଙ୍ଗଲକୁ କୁଜଣି ଗ୍ରାମର କିଛି ଲୋକେ ଯାଇଥିବା ବେଳେ ଗଳିତ ମୃତଦେହ ଦେଖିଥିଲେ। ମୃତଦେହ ଖଣ୍ଡବିଖଣ୍ଡିତ ହୋଇଯାଇଥିବା ବେଳେ ଶରୀରର ଅନେକାଂଶ କଙ୍କାଳ ପାଲଟିଯାଇଥିଲା। ତାଙ୍କ ମୁଣ୍ଡ ତଥା ମୁହଁ ଭାଗ ସାମାନ୍ୟ ଠିକ୍ ରହିଥିବା ଏବଂ ସେ ପିନ୍ଧିଥିବା ପୋଷାକ ଓ ଜୋତା ଆଦି ପଡିଥିଲା। କୃଷ୍ଣଚନ୍ଦ୍ର ନିଖୋଜ ସମ୍ପର୍କରେ ଜାଣିଥିଲେ ଗ୍ରାମବାସୀ। ସନ୍ଦେହ କରି ମୃତ କୃଷ୍ଣଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ମୃତକଙ୍କ ପୁଅ ବାସୁଦେବ ବେହେରା ଏବଂ ଘରୋଣି ଗ୍ରାମବାସୀ ପହଞ୍ଚି ଗଳିତ ମୃତ ଦେହକୁ ଦେଖି ଚିହ୍ନଟ କରିଥିଲେ। ଘଟଣା ସ୍ଥଳଟି ଗୁରାଣ୍ଡି ନା ଗାରାବନ୍ଧ ଥାନା ଅଧିନରେ ହୋଇଛି ତାକୁ ନେଇ ଦୀର୍ଘ ସମୟ ଧରି ଉଭୟ ଥାନା ପୁଲିସ ମଧ୍ୟରେ ଦ୍ୱନ୍ଦ ପ୍ରକାଶ ପାଇଥିଲା। ମୃତଦେହ ଠାବ ହୋଇଥିବା ସ୍ଥାନ ଗୁରାଣ୍ଡି ଥାନା ଅଞ୍ଚଳର ହୋଇଥିବା ସତ୍ତ୍ୱେ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ମୃତ କୃଷ୍ଣଚନ୍ଦ୍ର ମାନସିକ ବିକାରଗ୍ରସ୍ତ ହୋଇଥିବାରୁ କେତେବେଳେ କେଉଁଠି ରହୁଥିଲେ ତ ସମୟେ ସମୟେ ନିଜ ଘରକୁ ଯାଇ କିଛି ଦିନ ରହଣି କରି ପୁଣି କେଉଁଆଡେ ଚାଲିଯାଉଥିଲେ। ଗତ ଦୁଇ ମାସ ହେଲା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଗୁରାଣ୍ଡି ଥାନାରେ ନିଖୋଜ ମାମଲା ରଜୁ କରିଥିଲେ ବୋଲି ପୁଅ ବାସୁଦେବ କହିଛନ୍ତି।

## ୨ ବାଇକ୍ ମୁହାଁମୁହିଁ; ଜଣେ ମୃତ, ୨ ଗୁରୁତର




ଫିରିଙ୍ଗିଆ, ୨୧।୩(ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ପଲାବୃଡ଼ି ପଞ୍ଚାୟତ ତଳ ଶ୍ରୀଗୁଣୀରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସଦର ଥାନା ଦଡ଼କି ପଞ୍ଚାୟତ ରାମାଡି ଗାଁର ବିନୋଦ ବିଧାଣି (୨୫) ଆଜି ସକାଳେ ରାମାଡ଼ିରୁ ଗୋଚ୍ଛାପଡା ଥାନା ଉପରଶ୍ରୀଗୁଣୀ ଗାଁକୁ ଯାଇ କାମ ସାରି ଅପରାହ୍ନ ୪ରେ ବାଇକରେ ଘରକୁ ଫେରୁଥିଲେ। ତଳ ଶ୍ରୀଗୁଣୀ ମୁଖ୍ୟରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବିନୋଦଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଚ୍ଛାପଡା ଥାନା ଅନ୍ତର୍ଗତ ବନ୍ଧୁଲିଗାଁର ଲିଣ୍ଟୁ କୁଦେଇ (୩୦) ଓ ଅନନ୍ତ କୁଦେଇ (୩୨) ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଏବଂ ଗୋଚ୍ଛାପଡା ପୁଲିସକୁ ଜଣାଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ୨ ଗୁରୁତର ଆହତ ଲିଣ୍ଟୁ ଓ ଅନନ୍ତକୁ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପୁଲିସ ବିନୋଦଙ୍କ ମୃତଦେହକୁ ଫୁଲବାଣୀ ପଠାଇଥିବା ଜଣାପଡିଛି। ପରିବାର ଲୋକେ ଫୁଲବାଣୀ ଡାକ୍ତରଖାନାରେ ପହଞ୍ଚିଛନ୍ତି। ରାତି ହୋଇଥିବାରୁ ଥାନାରେ ମୃତକଙ୍କ ପରିବାର ତରଫରୁ ଲିଖିତ ଅଭିଯୋଗ ହୋଇ ନଥିବା ବେଳେ ମୃତଦେହ ମଧ୍ୟ ବ୍ୟବଚ୍ଛେଦ ହୋଇ ପାରିନାହିଁ।

## ପାରଳାଖେମୁଣ୍ଡି ବନଖଣ୍ଡରେ ବିଶ୍ୱ ଜଙ୍ଗଲ ଦିବସ




ପାରଳାଖେମୁଣ୍ଡି,୨୧।୩(ସମିସ): ପାରଳାଖେମୁଣ୍ଡି ବନଖଣ୍ଡ ତରଫରୁ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ କେ.ନାଗରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଗଜପତି ଜିଲ୍ଲା ପରିଷଦର ସଭାପତି ଗାବରା ତିରୁପତି ରାଓ ଏବଂ କାଶୀନଗର ବ୍ଲକର ଅଧ୍ୟକ୍ଷା ବାଲ୍ଲା.ସାୟାମ୍ମା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ସାଇନଶ୍ରୀ ଦାସ ଏବଂ ଅରୁଣ କୁମାର ସାହୁ ମଞ୍ଚାସୀନ ଥିଲେ। ବନଖଣ୍ଡ ଅଧିକାରୀ ନିଜ ମନ୍ତବ୍ୟରେ ଜଂଗଲ ସୁରକ୍ଷା ଦିଗରେ ଗଜପତି ଜିଲ୍ଲାରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଅବଗତ କରିଥିଲେ। ମୁଖ୍ୟଅତିଥି ଜିଲ୍ଲାରେ ନିଆଯାଉଥିବା ପଦକ୍ଷେପକୁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ପରିବେଶ ସୁରକ୍ଷା ଗବେଷକ ଧ୍ରିତିମୋକ୍ଷ ପାଣିଗ୍ରାହୀ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ କାଶୀନଗରର ହାତୀ ଉପଦ୍ରବ ଅଞ୍ଚଳକୁ ବିପଦମୁକ୍ତ କରିବାପାଇଁ ୨୨ସୋଲାର ଲାଇଟ୍ ଦିଆଯାଇଥିଲା। ଶ୍ରେଷ୍ଠ ଅବଦାନ ପାଇଁ କର୍ମଚାରୀମାନଙ୍କୁ ଅତିଥି ମାନେ ସମ୍ମାନିତ କରିଥିଲେ। ଶେଷରେ ଏସିଏଫ୍ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାରିଙ୍ଗବାଡ଼ିକୁ ପଲିଥିନମୁକ୍ତ ପାଇଁ ସଚେତନତା




ଦାରିଙ୍ଗବାଡି,୨୧।୩(ସମିସ): ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ି ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ଏଠାକୁ ବର୍ଷ ସାରା ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏଠିକାର ଗହନ ବନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। କନ୍ଧମାଳ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦାରିଙ୍ଗବାଡ଼ି ବ୍ଲକ ଓ ତହସିଲ ପ୍ରଶାସନଙ୍କ ନେତୃତ୍ୱରେ ପ୍ରେମ-ଏଡୁକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜାଗୃତି ଓ ଆଇଟିଆଇ କଲେଜ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ହାତରେ ଫ୍ଲାଗ କାର୍ଡ ଧରି ଦାରିଙ୍ଗବାଡ଼ିକୁ ପଲିଥିନ ମୁକ୍ତ କରିବା ବା ପଲିଥିନ ବ୍ୟବହାର ନକରିବା ଓ ପତ୍ର ଖଲିକୁ ବ୍ୟବହାର କରିବା ଭଳି ନାରାବାଜି ଦେଇ ସହର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ଦାରିଙ୍ଗବାଡ଼ିକୁ ପଲିଥିନ ମୁକ୍ତ କରିବା ପାଇଁ ଲୋକଙ୍କ ମାନସିକତା ଓ ବ୍ୟବହାରରେ ପରିବର୍ତ୍ତନ ଆଣି ଆଗାମୀ ୩ ମାସ ମଧ୍ୟରେ ପଲିଥିନ ମୁକ୍ତ ପାଇଁ ପ୍ରୟାସ କରିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତି ରଞ୍ଜନ ରଥ କହିଥିଲେ।

## ଗଛରେ ପିଟିହେଲା ବାଇକ୍; ଚାଳକ ମୃତ

ପାରଳାଖେମୁଣ୍ଡି,୨୧।୩(ସମିସ): ଗୋଷାଣି ବ୍ଲକ ପାଟିକୋଟା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ୩୨୬-ଏ ରେ ଜଣେ ବାଇକ ଚାଳକ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ମୃତ୍ୟ ଘଟିଛି। ଆଜି ମଧ୍ୟାହ୍ନରେ ଆର୍.ଉଦୟଗିରି ଥାନା ଅନଘା ପଞ୍ଚାୟତ ବଡଗାଁ ଗ୍ରାମର ବିଜୟ ବଡମୁଣ୍ଡି ଏକ ବାଇକରେ ନିଜ ଗ୍ରାମରୁ ପାରଳାଖେମୁଣ୍ଡିକୁ ଯାଉଥିବା ବେଳେ ପାଟିକୋଟା ଗ୍ରାମ ନିକଟସ୍ଥ ଏକ ବୁଲାଣିଆ ରାସ୍ତା ତଟରେ ଥିବା ଆମ୍ବଗଛକୁ କୌଣସି କାରଣରୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଗୁରାଣ୍ଡି ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ବେଳେ ବାଇକକୁ ଜବତ କରାଯାଇଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ



ଟିକାବାଲି,୨୧।୩(ସମିସ): ଚକାପାଦ ବ୍ଲକ ଲୁଜୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଏବିଓ ବନ୍ଦନାରାଣୀ ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚକାପାଦ ବିଡିଓ ହୃଦ ରଞ୍ଜନ ସାହୁ ଯୋଗ ଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିବା ବେଳେ, ଟିକାବାଲି କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ମୁଖ୍ୟ ମାଧବ ବିଶୋଇ, ବିଦ୍ୟାଳୟ ସଭାପତି ଭୀଷ୍ମ କହଁର, ସମିତି ସଭ୍ୟ ଜୁନେସ ଦିଗାଲ ଓ ଶିକ୍ଷୟିତ୍ରୀ ବନିତା ଦାସ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲତାଞ୍ଜଳି ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ଶାନ୍ତନୁ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କୁମୁଦ କହଁର, ଭୂବନି ପ୍ରଧାନ ଓ ଶିକ୍ଷୟିତ୍ରୀ ରଚୟିତା ସ୍ୱାଇଁ ସହଯୋଗ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୃଷି ତାଲିମି ଶିବିର ଉଦ୍‌ଯାପିତ



ଜି,ଉଦୟଗିରି,୨୧।୩(ସମିସ): ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର, ଓୟୁଏଟି ଚିପିଲିମା, ସମ୍ବଲପୁର ଅଧୀନରେ ଥିବା ସର୍ବଭାରତୀୟ ସମନ୍ୱିତ ଅନୁସନ୍ଧାନ ପ୍ରକଳ୍ପ ଦ୍ୱାରା ପାଇଲଟ ପ୍ରକଳ୍ପର ଫସଲ ବିବିଧି କରଣ ଯୋଜନା ନିମନ୍ତେ ଦୁଇ ଦିନିଆ କୃଷକ ତାଲିମ ଶିବିର ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ବରିଷ୍ଠ କ୍ଷେତ୍ର ବୈଜ୍ଞାନିକ ଡ. ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼. ନାରାୟଣ ବାର ସ୍ୱାଗତ କରିଥିଲେ। ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳା ଚାଷୀ ଯୋଗ ଦେଇ ବିଭିନ୍ନ ଚାଷ ଭିତ୍ତିକ ସମସ୍ୟା ଜଣାଇଥିଲେ। ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ରର କୀଟବିଜ୍ଞାନୀ ଡ଼. ଅତନୁ ସେନୀ, ପାଣିପାଗ ବିଜ୍ଞାନୀ ଜୁବୁଲି ସାହୁ, କୃଷି ବିଜ୍ଞାନ କେନ୍ଦ୍ରର କୀଟବିଜ୍ଞାନୀ ପ୍ରଶାନ୍ତ କୁମାର ନନ୍ଦ , ଉଦ୍ଭିଦ ବିଜ୍ଞାନୀ ସନତ କୁମାର ମେହେର , ମୃତ୍ତିକା ବିଜ୍ଞାନୀ ଡ଼ .ସୁଜିତ୍ କୁମାର ମୁଖୀ ଏହି ଯୋଜନା ସଂପର୍କ ରେ ଅଧିକ ଆଲୋକପାତ କରିଥିଲେ। କରିସ୍ମା ପ୍ରିୟଦର୍ଶିନୀ ଶିବିର ଆୟୋଜନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦.୬୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ



ଫିରିଙ୍ଗିଆ,୨୧।୩(ସମିସ): ଫିରିଙ୍ଗିଆ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ମୁରଲୀ ଧର ସାହୁଙ୍କ ନିର୍ଦ୍ଦେଶରେ ଏବଂ ଅତିରିକ୍ତ ଥାନା ଅଧିକାରୀ ଦୀପକ ରାଉତଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ମାଣ୍ଡ୍ରୀପଡା ଜଙ୍ଗଲରେ ଅତର୍କିତ ଚଢ଼ଉ କରି ଚାଲାଣ ପାଇଁ ରଖାଯାଇଥିବା ୮୨ ବସ୍ତାରେ ଭର୍ତ୍ତି ହୋଇଥିବା ୨୦ କୁଇଣ୍ଟାଲ ୬୬ କେଜି ଗଞ୍ଜେଇ ଜବତ କରାଯାଇଛି। ତେବେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ମାଫିଆ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଚଳିତ ବର୍ଷର ଫିରିଙ୍ଗିଆ ପୁଲିସ ସର୍ବାଧିକ ଗଞ୍ଜେଇ ଜବତ କରିଥିବା ବେଳେ ଦାୟିତ୍ୱରେ ଥିବା ତଦନ୍ତକାରୀ ଅଧିକାରୀ ଅଜୟ କୁମାର ସାହୁ ଏହାର ତଦନ୍ତ କରୁଛନ୍ତି। ଫେରାର ଗଞ୍ଜେଇ ମାଫିଆକୁ ଧରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ଥାନାରେ ଏକ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା ରୁଜୁ କରାଯାଇଛି।

## ଆର୍ଯ୍ୟ ସମାଜର ବାର୍ଷିକ ଯଜ୍ଞ ମହୋତ୍ସବ ଓ ସୃଷ୍ଟି ଦିବସ




ଜି.ଉଦୟଗିରି,୨୧।୩(ସମିସ): ଜି.ଉଦୟଗିରି ନିକଟସ୍ଥ ଗୁଟିଙ୍ଗିଆ ଅର୍ଗାଡିରେ ଥିବା ଆର୍ଯ୍ୟ ସମାଜର ୨୪ ତମ ବାର୍ଷିକ ଯଜ୍ଞ ମହୋତ୍ସବ ଓ ସୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହା ଦୁଇ ଦିନ ଧରି ଚାଲିଥିବା ବେଳେ ପଥମ ଦିନରେ ଓଁ ଧ୍ୱଜା ଉତ୍ତୋଳନ, ଦେବଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ଶୋଭାଯାତ୍ରା ଓ ସାମୂହିକ ସନ୍ଧ୍ୟା କରାଯିବା ସହ ପ୍ରବଚନ ଓ ଉପାସନା କରାଯାଇଥିଲା। ପରେ ଭଜନ ଡିଶା ପରିବ୍ରାଜକ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ନୂଆପଡାର ଡ଼.ଉମେଶ ଜି, ଚାଞ୍ଚେଡି ତପବନ ଶାନ୍ତି ଆଶ୍ରମ ଆଚାର୍ଯ୍ୟ ବୈକୁଣ୍ଠ ସତ୍ୟାର୍ଥ, ସମଦତ୍ତ ଶାସ୍ତ୍ରୀ, ଜୋତି ପ୍ରକାଶ ଆଚାର୍ଯ୍ୟ, ଶ୍ରୀମାନ ଲକ୍ଷ୍ମଣ ଶର୍ମା ଜି ପ୍ରବଚନ ଦେଇଥିଲେ। ଏଥିରେ କନ୍ଧମାଳ ଜିଲ୍ଲାର ୮ ବ୍ଲକ ର ସଭ୍ୟସଭ୍ୟା ତଥା ମାତୃ ବୃନ୍ଦ ଉପସ୍ଥିତ ରହିଥିଲେ। ଦ୍ୱିତୀୟ ଦିନରେ ନୂଆଗାଁ ସ୍ଥିତ ଓମାନନ୍ଦ ଛାତ୍ରାବାସର ଛାତ୍ରଙ୍କ ଦ୍ୱାରା ଖେଳ, ବ୍ୟାୟାମ, କୁସ୍ତି, ଲାଠି ଚାଳନା ଇତ୍ୟାଦି ମୃତ୍ୟୁଞ୍ଜୟ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ। ଏହାକୁ ଜିଲ୍ଲା ସଭାପତି ଅଜୀବନ ମଲ୍ଲିକ, ସମ୍ପାଦକ ବିଶ୍ୱାମିତ୍ର ପ୍ରଧାନ, କୋଷାଧକ୍ଷ ସାଇନା ପ୍ରଧାନ, ଗୁଟିଙ୍ଗିଆ ଆର୍ଯ୍ୟ ସମାଜର ସଂଚାଳକ ଧରଣୀଧର ମଲ୍ଲିକ, ସଭାପତି ପର୍ଶୁରାମ କହଁର, ସମ୍ପାଦକ ଶିବରାମ କହଁର, ସହସମ୍ପାଦକ ପ୍ରଦେଶ୍ୱର କହଁର, ଉପସଭାପତି ଚୈତନ୍ୟ କହଁର, କୋଷାଧକ୍ଷ ଦିଲୀପ କୁମାର ପ୍ରଧାନ, ସାମ୍ବାଦିକ ବାଳକୃଷ୍ଣ କହଁର, ବାନପ୍ରସ୍ଥି ବିଶ୍ୱନାଥ ଜୀ, ପ୍ରେମାନନ୍ଦ ବନପ୍ରସ୍ଥି, ଗୋବିନ୍ଦ ବନପ୍ରସ୍ଥି, ମହେନ୍ଦ୍ର ବାନପ୍ରସ୍ଥି କାର୍ଯ୍ୟକୁ ତୁଲାଇଥିଲେ।

● ରିବିଲଦା ଗାଁରେ କାନ୍ଥ ଖୋଳି ଘରୁ ଚୋରି ଘଟଣା

## ଘଣ୍ଟାପଡ଼ାରୁ ଶଳା ଓ ଗୋଲାମୁଣ୍ଡାରୁ ଭିଣୋଇ ଗିରଫ

ଫିରିଙ୍ଗିଆ,୨୧।୩(ସମିସ)

ସୁନାହାର, ଲୁଗା, ବାଇକ୍ ସହ ମୋବାଇଲ ଜବତ



ଫିରିଙ୍ଗିଆ ଥାନା ସୁମେରୁବନ୍ଧ ପଞ୍ଚାୟତ ରିବିଲଦା ଗାଁରୁ ଗତ ୧୦ ତାରିଖ ରାତିରେ ସିନ୍ଧି ଚୋରି ଘଟଣାରେ ଚୋରି ସୁନା ଅଳଙ୍କାର, ଲୁଗା, ଟଙ୍କା ପୁଲିସ ଉଦ୍ଧାର କରି ୨ ଜଣ ବାହାର ଜିଲ୍ଲାର ଚୋରଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ରେଙ୍ଗାପଡ଼ା ଗାଁର ସୁବାସ ରଣା ଓ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଯୋଗିପଡ଼ା ଗାଁର ଶଶୀକାନ୍ତ ରଣା। ଉଭୟେ ସମ୍ପର୍କରେ ଶଳା-ଭିଣୋଇ ବୋଲି ପୁଲିସ କହିଛି।

ରିବିଲଦା ଗାଁର ସୁଧୀର ରଣାଙ୍କ ଘରୁ ଗତ ୧୦ ତାରିଖ ରାତିରେ କାନ୍ଥ ଖୋଳି ସୁନା ଗହଣା ସହ ଟଙ୍କା ଓ ଲୁଗାପଟା ଚୋରି ହୋଇଥିବା ଫିରିଙ୍ଗିଆ ଥାନାରେ ୧୧ ତାରିଖରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁକରି ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ କରିଥିଲା। ସୁରାକ ପାଇ ଏକ ସ୍ୱତନ୍ତ୍ର ଟିମ ବୌଦ୍ଧ ଜିଲ୍ଲାକୁ ଯାଇ ଘଣ୍ଟାପଡା ଥାନା ରେଙ୍ଗାପଡା ଗାଁର ସୁବାସ ଓ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଯୋଗିପଡ଼ା ଗାଁର ଶଶିକାନ୍ତକୁ ଗିରଫ କରିଥିଲା। ସୁବାସ ଘରୁ ୨ ସୁନାହାର, ୨ କଂସା ବାସନ, ୨ ମୋବାଇଲ, ଚୋରିରେ ବ୍ୟବହୃତ ବାଇକ, ସେଣୀ ଜବତ କରିଥିଲା। ପୂର୍ବରୁ ସୁଧୀରଙ୍କ ଘରେ ଏକ ଜନ୍ମଦିନ ପାଳନ ହେଉଥିବା ବେଳେ ସୁବାସ ସେହି ଗାଁକୁ ଆସିଥିଲା। ସୁଧୀରଙ୍କ ପରିବାରର ମହିଳା ବହୁ ସୁନାଗହଣା ପିନ୍ଧିଥିବା ଦେଖି ଚୋରି ଯୋଜନା କରିଥିଲା। ଶଳାକୁ ଧରି ଏକ ବାଇକରେ ଦଶ ତାରିଖରେ ଆସି କାନ୍ଥକୁ ସତର୍କତାର ସହ ଏକ ସେଣୀରେ ଖୋଳି ଘର ଭିତରେ ପଶିଥିଲା। ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱର ଦୁଇଟି ସୁନାହାର ଏବଂ ନଗଦ ଟଙ୍କା ଆଉ ଲୁଗାପଟା ଚୋରି କରିନେଇଥିଲା। ସୁନା ଗହଣା, ଲୁଗା ଓ ଅନ୍ୟାନ୍ୟ ସରଞ୍ଜାମ ଉଦ୍ଧାର ହୋଇଥିବା ବେଳେ ୨ ଚୋର ସୁବାସ ଓ ଶଶିକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

● ବ୍ଲକ ପ୍ରଶାସନର ଅବହେଳା

## ଦୁଇ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଅପହଞ୍ଚ

ହୁମ୍ମା,୨୧।୩(ସମିସ): ଓଡ଼ିଶା ସରକାର ପଞ୍ଚାୟତର ଗ୍ରାମାଞ୍ଚଳରେ ଯାତାୟତର ସୁବିଧା ପାଇଁ ଲକ୍ଷ୍ମୀ ବସ୍ ସେବା ଯୋଗାଇଛନ୍ତି। ଏଥିପାଇଁ କୋଟିକୋଟି ଟଙ୍କା ଅର୍ଥ ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ଗ୍ରାମାଞ୍ଚଳର ଜନସାଧାରଣ ସିଧାସଳଖ ବ୍ଲକ ଅଥବା ପଞ୍ଚାୟତ କାର୍ଯ୍ୟାଳୟ ସହ ଯୋଗାଯୋଗ ରହିପାରିବ। ଏହି ପରିପ୍ରେକ୍ଷୀରେ ଲକ୍ଷ୍ମୀ ବସ୍ ରହିବାକୁ ସରକାର ପ୍ରତ୍ୟେକ ଗ୍ରାମର ଛକରେ ବସ୍‌ଷ୍ଟାଣ୍ଡ ମଧ୍ୟ ନିର୍ମାଣ କରିଛନ୍ତି। ଗଞ୍ଜାମ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଲକ୍ଷ୍ମୀ ବସ୍ ଯାତାୟତର ବ୍ୟବସ୍ଥା ରହିଛି। କିନ୍ତୁ ଗଞ୍ଜାମ ବ୍ଲକର ସାନରାମଚନ୍ଦ୍ରପୁରପୁର ପଞ୍ଚାୟତ ଓ ଝାରେଡ଼ି ରାଧାଗୋବିନ୍ଦପୁର ପଞ୍ଚାୟତବାସୀ ଏହି ବସ୍ ସେବାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ବିଶେଷକରି ମିଶନ ଶକ୍ତି ମହିଳାମାନେ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି। ନିଜ ଗ୍ରାମରୁ ପାଞ୍ଚ କିମି ଚାଲି ଚାଲି ଯିବାକୁ ପଡୁଥିବା ବେଳେ ସହରର ମୁଖ୍ୟ ଛକରେ ଘଣ୍ଟାଘଣ୍ଟା ପର୍ଯ୍ୟନ୍ତ ବସ୍‌କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ସମାୟାନୁସାରେ ବ୍ଲକ କାର୍ଯ୍ୟାଳୟ ସଭା ସମିତିରେ ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟରୁ ସମସ୍ତ ତଥ୍ୟ ସଠିକ ରୂପେ ପାଇ ପାରୁନଥିବା କିଛି ମହିଳା କହିଛନ୍ତି। ଗଞ୍ଜାମ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନଥିବା ଅଭିଯୋଗ ହୋଇଛି। ସାନରାମଚନ୍ଦ୍ରପୁର ଓ ଝାରେଡ଼ି ରାଧାଗୋବିନ୍ଦପୁର ପଞ୍ଚାୟତ ଦୁହେଁ ପଡ଼ୋଶୀ ପଞ୍ଚାୟତ। ଗୋଟିଏ ରାସ୍ତା ଦେଇ ଦୁଇ ପଞ୍ଚାୟତର ସମସ୍ତ ଗ୍ରାମକୁ ରାସ୍ତା ଯାଇଛି। ପ୍ରତ୍ୟେକ ଗ୍ରାମର ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ସହିତ ଲକ୍ଷ୍ମୀ ବସ୍ ପକାଇଲେ ଉଭୟ ପଞ୍ଚାୟତବାସୀ ସରକାରଙ୍କ ଏହି ଯୋଜନାରୁ ଲାଭ ଉଠାଇ ପାରିବେ। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

ଗଞ୍ଜାମ ଓକିଲ ସଂଘ ପାଇଁ କାଉଣ୍ଟଡାଉନ୍ ଆରମ୍ଭ

# ସବୁ ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର୍

ବ୍ରହ୍ମପୁର,୨୧।୩(ସମିସ)

'ୱାନ ବାର ୱାନ ଭୋଟ' ନିୟମ ପ୍ରକାରେ ଆସନ୍ତା ୨୮ ତାରିଖରେ ରାଜ୍ୟବ୍ୟାପୀ ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଏକକାଳୀନ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଆସନ୍ତା ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ପରବର୍ତ୍ତି ସମୟରେ ଅର୍ଥାତ ଅପରାହ୍ନ ୪ଟା ଠାରୁ ଭୋଟଗଣତି ଆରମ୍ଭ କରାଯାଇ ଉକ୍ତ ଦିନ ହିଁ ଫଳାଫଳ ଘୋଷଣା କରାଯିବ। ନିର୍ବାଚନକୁ ହାତଗଣତି ମାତ୍ର ୬ଦିନ ରହିଥିବା ବେଳେ ଏଥିପାଇଁ ଆରମ୍ଭ ହୋଇଯାଇଛି 'କାଉଣ୍ଟଡାଉନ' ବା 'ଅବଗଣନା'। ଚଳିତ ନିର୍ବାଚନରେ ଗଞ୍ଜାମ ଓକିଲ ସଂଘରେ ଭୋଟରଙ୍କ ସଂଖ୍ୟା ୧୭୬୧କୁ ବୃଦ୍ଧି ପାଇଥିବା ବେଳେ ସେଥିରୁ ୧୫୯ ଜଣ ନୂତନ ଭୋଟର ଅଛନ୍ତି। ସେପଟେ ଗଞ୍ଜାମ ଓକିଲ ସଂଘର ପ୍ରମୁଖ ୪ଟି ପଦବୀ ଯଥା ସଭାପତି, ଉପ ସଭାପତି, ସମ୍ପାଦକ ଓ ସହ ସମ୍ପାଦକ ଭଳି ୪ଟି ପଦବୀ ପାଇଁ ମୋଟ ୧୫ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସଭାପତି, ଉପ ସଭାପତି ଓ ସହସମ୍ପାଦକ ପଦବୀରେ ୪ଜଣ ଲେଖାଏଁ ଏବଂ ସମ୍ପାଦକ ପଦବୀରେ ୩ଜଣ ପ୍ରାର୍ଥୀ ରହିଛନ୍ତି। ସବୁଠାରୁ ବଡକଥା ହେଲା

- **୪ ପଦବୀରେ ଅଛନ୍ତି ୧୫ ପ୍ରାର୍ଥୀ, ସବୁ ପଦବୀ ପାଇଁ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା**
- **ସମସ୍ତ ପଦବୀରେ ଅଛନ୍ତି ଗତ ନିର୍ବାଚନର ପରାଜିତ ପ୍ରାର୍ଥୀ**
- **ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସିସିଟିଭି ସହ ନିୟୋଜିତ ସ୍ୱତନ୍ତ୍ର ଟିମ**

ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଇତିହାସକୁ ଦେଖିଲେ କ୍ରମାଗତ ଭାବେ କେବେ କୌଣସି ପ୍ରାର୍ଥୀ ବିଜୟ ଲାଭ କରିନାହାନ୍ତି। ଏପରିକି ସବୁବେଳେ ପୂର୍ବ ନିର୍ବାଚନରେ ପରାଜିତ ପ୍ରାର୍ଥି ପରବର୍ତ୍ତି ନିର୍ବାଚନରେ ବିଜୟ ହେବାର ସମ୍ଭାବନା ଅଧିକ ରହିଛି। ଚଳିତ ଥର ନିର୍ବାଚନରେ ସମସ୍ତ ୪ଟି ପ୍ରମୁଖ ପଦବୀରେ ଗତ ନିର୍ବାଚନରେ ପରାଜିତ ହୋଇଥିବା ପ୍ରାର୍ଥୀ ପୁଣିଥରେ ନିର୍ବାଚନ ଲଢୁଛନ୍ତି। ଫଳରେ ପୂର୍ବ ରେକର୍ଡ ଦେଖିଲେ ସେମାନଙ୍କ ପାଇଁ ଏହି ନିର୍ବାଚନ ସୁବିଧାଜନକ ବା ସହଜ ହେବା କଥା। ସେହିଭଳି ଗତ ଥରର ନିର୍ବାଚିତ ପ୍ରାର୍ଥୀ ଚଳିତ ଥର ପୁଣି ଥରେ ପ୍ରାର୍ଥୀ ହୋଇଛନ୍ତି। ଏଣୁ ଗଞ୍ଜାମ ଓକିଲ ସଂଘ କର୍ମକର୍ତ୍ତାର ନିର୍ବାଚନରେ ଗଣିତ କଣ ହେବା ତାହା ଏବେଠାରୁ ଆକଳନ କରିବା ଉଚିତ ହେବନାହିଁ। ସେହିଭଳି ସଭାପତି ପଦବୀରେ ଦୁଇଜଣ ବରିଷ୍ଠ ଆଇନଜୀବୀ ମଧ୍ୟ ନିର୍ବାଚନ ଲଢୁଛନ୍ତି। ଚଳିତ ନିର୍ବାଚନରେ ଯଦିଓ କୌଣସି ରାଜନିତି ପ୍ରବେଶ କରିନାହିଁ ତଥାପି ହାତରେ ସମୟ କମ ଥିବାରୁ ପ୍ରାର୍ଥୀଙ୍କ ଚିନ୍ତା ବଢିଯାଇଛି। ସଂଘବଦ୍ଧ ଭାବେ ପ୍ରଚାର ନକରି ବରଂ ବ୍ୟକ୍ତିଗତ ଭାବେ ଭୋଟରଙ୍କ ନିକଟତର ହେବାକୁ ନିଜ ନିଜର ଉଦ୍ୟମ ଜାରି ରଖିଛନ୍ତି ସମସ୍ତ ପ୍ରାର୍ଥୀ। ଚଳିତ ଥର ନିର୍ବାଚନରେ ମହିଳା ଆଇନଜୀବୀଙ୍କ ପାଇଁ ଶତକଡା ୩୦ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିବା ବେଳେ ସଂଘର କାର୍ଯ୍ୟକାରୀ ସଦସ୍ୟ ୭ଟି ପଦବୀ ମଧ୍ୟରୁ ୩ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଚାମ୍ବରକୁ ଚାମ୍ବର ଓ ଘରକୁ ଘର ବୁଲି ନିଜ ସମର୍ଥନରେ ଭୋଟ ଯୋଗାଡ କରିବା ସହିତ ସୋସିଆଲ ମିଡିଆରେ ମଧ୍ୟ ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି ସମସ୍ତ ପ୍ରାର୍ଥୀ। ସେପଟେ ନିର୍ବାଚନକୁ ଅବାଧ, ମୁକ୍ତ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ କରିବାକୁ ଯାଇ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ୪୦ଜଣିଆ କମିଟି ଗଠନ କରିଛନ୍ତି। ମତଦାନ ପାଇଁ ସମସ୍ତ ବ୍ୟବସ୍ଥା ଜାରି ରଖିଥିବା ବେଳେ ସିସିଟିଭି କ୍ୟାମେରା ନଜରରେ ରହିବ ସମ୍ପୂର୍ଣ୍ଣ ମତଦାନ ଓ ଭୋଟଗଣତି ପ୍ରକ୍ରିୟା। ରାଜ୍ୟ ଆଇନଜୀବୀ ପରିଷଦର ନିୟମ ପ୍ରକାରେ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ। ଏଥିପାଇଁ ପ୍ରତ୍ୟେକ ଭୋଟରଙ୍କୁ ନିଜର ରାଜ୍ୟ ବାର କାଉନସିଲ ଅଥବା ଗଞ୍ଜାମ ଓକିଲ ସଂଘ ପକ୍ଷରୁ ପ୍ରଦତ୍ତ ପରିଚୟପତ୍ର ସାଙ୍ଗରେ ନେଇ ଆସିବାକୁ ପଡିବ ବୋଲି ନିର୍ବାଚନ ଅଧିକାରୀ ନୟନ ମହାପାତ୍ର ସ୍ପଷ୍ଟ କରିଛନ୍ତି। ଭୋଟ ଗ୍ରହଣ ପରେ ଅପରାହ୍ନ ୪ଟା ଠାରୁ ଭୋଟଗଣତି କରାଯାଇ ଉକ୍ତ ଦିନ ହିଁ ଫଳାଫଳ ଘୋଷଣା କରାଯିବ।

## 'ମେରା ଯୁବ ଭାରତ' ଗଜପତି ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପାରଳାଖେମୁଣ୍ଡି,୨୧।୩(ସମିସ): ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ମେରା ଯୁବ ଭାରତ ଗଜପତି ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ପୁରୁଷ ବିଭାଗରେ ୧୦୦ ମିଟର ଦୌଡ଼, ଲଙ୍ଗଜମ୍ପ ଓ ଭଲିବଲ୍ ଓ ମହିଳା ବିଭାଗରେ ୧୦୦ ମିଟର ଦୌଡ଼, ଡିସ୍କସ୍ ଥ୍ରୋ ଓ ଟଗ୍ ଅଫ୍ ୱାର୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଓ ଜିଲ୍ଲା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପରିଷଦର ଫ୍ୟାକଲ୍ଟି ତଥା ରିସର୍ଚ୍ଚ ଆନାଲିଷ୍ଟ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେରା ଯୁବ ଭାରତ ପକ୍ଷରୁ ଭି. ଭାବାନୀ ପ୍ରସାଦ କ୍ରୀଡ଼ା ଓ ଯୁବ ଉନ୍ନୟନ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଶେଷରେ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ଏ. ମହେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚକୋଶ ସୁଦକୁଳ ସମାଜର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ଫିରିଙ୍ଗିଆ,୨୧।୩(ସମିସ): ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ଉଆଦୁର୍ଗା ମୌଜା ଖମାରିସାହିରେ ଅନୁଷ୍ଠିତ ପଞ୍ଚାକୋଶ ସୁଦକୁଳ ସମାଜର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ଉଦଯାପନୀ ଅବସରରେ ଦକ୍ଷିଣାଞ୍ଚଳ ଜିଲ୍ଲା ସଭାପତି ବିରାଟ ବିଶୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ସତ୍ୟନାରାୟଣ ଭୁକ୍ତା, ଜିଲ୍ଲା ସହ ସମ୍ପାଦକ ଭିକାରି ଭୁକ୍ତା, ବରିଷ୍ଠ ଉପଦେଷ୍ଟା ସଭାଜନ ଭୁକ୍ତା, ସଚ୍ଚିଦାନନ୍ଦ ଭୁକ୍ତା, ଚନ୍ଦ୍ର କିଶୋର ଭୁକ୍ତା, ଚକ୍ରଧର ବେହେରା, ଜିଲ୍ଲା ବୋଡର୍ ସଦସ୍ୟ ବିରୁପାକ୍ଷ ଦେହୁରୀ, ବିଷ୍ଣୁ ବିଶୋଇ, ନାରାୟଣ ଭୁକ୍ତା ଓ ସ୍ୱତନ୍ତ୍ର ଉପଦେଷ୍ଟା ବସନ୍ତ ଭୁକ୍ତା ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ବିରାଟ ବିଶୋଇ ବକ୍ତବ୍ୟ ରଖିଥିଲେ। ୨୭ ଖଣ୍ଡ ମୌଜାର ଥିବା ବିଭିନ୍ନ ସମସ୍ୟା ଓ ସମାଧାନ ପାଇଁ ଆଲୋଚନା ପରେ ଗ୍ରାମ ସଭାପତିଙ୍କୁ ଗ୍ରାମର ସ୍ୱଜାତିଙ୍କୁ ପରିଚାଳନା ପାଇଁ କେନ୍ଦ୍ର ତରଫରୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଦକ୍ଷିଣାଞ୍ଚଳ ନିର୍ବାଚନ ଅଧିକାରୀ ଉତ୍ତମ ଖମାରି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘାଟି ତଳ ଉଆ ଦୁର୍ଗା ଖମାରି ସାହି ଏବଂ ୬ ଖଣ୍ଡ ମୌଜା ର ସଭାପତି ପ୍ରଫୁଲ୍ଲ ଭୁକ୍ତା, କଶ୍ୟପ ଖମାରି, ସୁଧୀର ଖମାରି, ଅନିରୁଦ୍ଧ ଖମାରି, ବସନ୍ତ ଭୁକ୍ତା, ବିଷ୍ଣୁ ବିଶୋଇ, ମଦନ ଭୁକ୍ତା, ରୋହିତ ବିଷୋଇଙ୍କ ସହ ମୌଜାର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।

ଛିଣ୍ଡା ଜରିପାଲ ତଳେ ପୂର୍ଣ୍ଣମାଙ୍କ ସଂଘର୍ଷ..

## ଆବାସ, ଭତ୍ତା ସ୍ୱପ୍ନ; ଦୁଃଖରେ କଟୁଛି ଦିନ

ହୁମ୍ମା,୨୧।୩(ସମିସ): ଗଞ୍ଜାମ ବ୍ଲକର ପୋଇରାଶି ଗ୍ରାମର ଦିବ୍ୟାଙ୍ଗ ମହିଳା ପୂର୍ଣ୍ଣମାଙ୍କ ଛିଣ୍ଡା ଜରିପାଲ ତଳେ କଟୁଛି ଜୀବନ। ସବୁ ମୌଳିକ ସୁବିଧାରୁ ବଂଚିତ ହୋଇ ରହିଛନ୍ତି। ବାରମ୍ବାର ଅଭିଯୋଗ ଓ ଆବେଦନ ପରେ ବି ସରକାରୀ ଯୋଜନା ତାଙ୍କ ପାଖରେ ପହଞ୍ଚି ପାରୁନଥିବା କୋହଭରା କଣ୍ଠରେ କହିଛନ୍ତି। ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇ ମଧ୍ୟ ପରିବାରଙ୍କୁ ଅନ୍ଧାରରେ ଛିଣ୍ଡା ଜରି ପାଲ ଓ ଭଙ୍ଗା ଇଟା କାନ୍ଥର ସାହାରା ନେଇ ୪୦ବର୍ଷ ହେଲା ସଂଘର୍ଷ କରି ଆସୁଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ମଧ୍ୟ କରି ପାରୁନାହାଁନ୍ତି।



ପୋଇରାଶି ଗ୍ରାମର ପୂର୍ଣ୍ଣିମା ନାୟକ(୫୫)। ପରିବାର କହିଲେ ସ୍ୱାମୀ କୁରେଶ ନାୟକ ଓ ତିନି ପୁଅ। ବଡ଼ ପୁଅ ବିବାହ କରିବା ପରେ ଘର ଖଣ୍ଡିଏ ନଥିବାରୁ ଶଶୁର ଘରେ ରହୁଛି। ମଝିଆ ପୁଅ ପରିବାର ଚଳାଇବା ଓ ସାନ ଭାଇର ପାଠ ପଢ଼ା ନିମନ୍ତେ ଦାଦନ ଖଟିବାକୁ ଯାଇଛି। କୁରେଶଙ୍କ ରୋଜଗାର କହିଲେ ନିଜର କୌଳିକ ବୃତ୍ତି। ବାଉଁଶ ସାହାର୍ଯ୍ୟରେ ଟୋକେଇ, ଝୁଡ଼ି, ଚାଙ୍ଗୁଡ଼ି, କୁଲା, ବିଞ୍ଚଣା ଭଳି ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ପାରିଶ୍ରମିକ ଠାରୁ କମ୍ ରୋଜଗାର ହୁଏ। ସ୍ତ୍ରୀର ଔଷଧ ଖର୍ଚ୍ଚ ପାଇଁ ମଧ୍ୟ ନିଅଣ୍ଟ ପଡୁଛି ଟଙ୍କା। ଆର୍ଥିକ ସ୍ଥିତି ଭଲ ନଥିବାରୁ ଘର ଖଣ୍ଡିଏ କରି ପାରୁନାହାଁନ୍ତି। ଦାଣ୍ଡ ପଟରେ ଚାରି ଛଅ ଫୁଟ ଛିଣ୍ଡା ଜରି ପାଲ ଓ ଭଙ୍ଗା କାନ୍ଥର ସାହାରା ନେଇ ସଂଘର୍ଷ କରି ଆସୁଛନ୍ତି। ବାରିପଟ ଖୋଲା ମେଲା। ବର୍ଷା ଦିନ ହେଲେ ପଡ଼ୋଶୀ ଘରେ ଆଶ୍ରୟ ମାଗୁଛନ୍ତି।

**ଜନ୍ମରୁ ଦିବ୍ୟାଙ୍ଗ, ସରକାରୀ ସହାୟତା ସାତ ସପନ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିଲେ ମଧ୍ୟ କେହି ଗୁହାରି ଶୁଣୁନାହାଁନ୍ତି। ପୂର୍ଣ୍ଣମାଙ୍କ ପରିବାର ରାସନ କାଡର୍‌ରୁ ମଧ୍ୟ ବଂଚିତ। ବହୁତ ଥର ଆବେଦନ କରି ଥକି ଗଲେଣି। ଅର୍ଥ ଅଭାବରୁ ଘର ଖଣ୍ଡିଏ ନଥିବା ଯୋଗୁଁ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରି ପାରୁନାହାଁନ୍ତି। ୪୦ବର୍ଷ ହେଲା ଅନ୍ଧାର ଘରେ ରହି ଆସୁଛନ୍ତି। କେବଳ ଏତିକିରେ ସରିନି ତାଙ୍କ ଦୁଃଖ। ପୂର୍ଣ୍ଣମା ଜନ୍ମରୁ ଦିବ୍ୟାଙ୍ଗ ହୋଇ ମଧ୍ୟ ଭତ୍ତାରୁ ବଂଚିତ। ୧୦ ବର୍ଷ ହେଲା ବ୍ରେନ୍‌ରେ ଟ୍ୟୁମର ବଢୁଛି। ବାରମ୍ବାର ମୁର୍ଚ୍ଛା ହୋଇ ଘରେ ପଡ଼ି ରହୁଛନ୍ତି। ରାସନ କାଡର୍ ଓ ସ୍ୱାସ୍ଥ୍ୟକାଡର୍ ନଥିବା ଯୋଗୁ ସରକାରଙ୍କ ମାଗଣା ସେବାରୁ ବଞ୍ଚିତ ହେଉଛନ୍ତି। ଅର୍ଥ ନଥିବା ଯୋଗୁଁ ପୂର୍ଣ୍ଣମାଙ୍କ ଚିକିତ୍ସା ମଧ୍ୟ ପରିବାର ଲୋକେ କରି ପାରୁନାହାଁନ୍ତି। ଗଞ୍ଜାମ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ପୂର୍ଣ୍ଣମାଙ୍କ ପରିବାରର ସୁରକ୍ଷା ନିମନ୍ତେ ଆବାସ ଯୋଜନା ସହ ରାସନକାଡର୍ ଯୋଗାଇବା ସହ ତାଙ୍କ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡ଼କ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବିଭିନ୍ନ ମହଲରୁ ନିବେଦନ କରାଯାଇଛି।

## କୟାକଳ୍ପ ତାଲିକା ୧ନଂରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ




ଛତ୍ରପୁର,୨୧।୩(ସମିସ): ଉତ୍ତମ ରୋଗୀ ଚିକିତ୍ସା ଓ ପରିବେଶ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ କାୟାକଳ୍ପ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଥାଏ। ଏହି ତାଲିକାରେ ଉପଖଣ୍ଡ ଡାକ୍ତରଖାନା ପରିପ୍ରେକ୍ଷୀରେ ଗଂଜାମ ଜିଲ୍ଲାର ୧ନଂ ଭାବେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପାଇଛି। ସେହିପରି ଛତ୍ରପୁର ବ୍ଲକ ମୁନିସିପେଣ୍ଠ ଏବଂ ଗଞ୍ଜାମ ବ୍ଲକ ଖଣ୍ଡାଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ମାନଦଣ୍ଡ ଗୁଡିକରେ ଶତ ପ୍ରତିଶତ ରହିଥିବା ନେଇ କୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହାସହ ପ୍ରଥମ କରି ଛତ୍ରପୁର ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ଗୋଟିଏ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନା ସହ ଛତ୍ରପୁର ବ୍ଲକର ମୁନିସିପେଣ୍ଠ ଓ ଗଞ୍ଜାମ ବ୍ଲକର ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହା ଅଧୀନରେ ଥିବା ସମସ୍ତ ସବ୍‌ସେଣ୍ଟର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗୁଡିକ ମଧ୍ୟ କୟାକଳ୍ପ ପାଇଁ ଥିବା ମାନଦଣ୍ଡ ଗୁଡିକ ଶତପ୍ରତିଶତ ପୂରଣ କରିବା ସହିତ ପୁରସ୍କାର ପାଇବା ପାଇଁ ଦାବିଦାର ହୋଇପାରିଛନ୍ତି। ଏଥି ସକାଶେ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାର ଅଧିକ୍ଷକ ଡାକ୍ତର ଅଲେଖ ପ୍ରଧାନ, ଛତ୍ରପୁର ବ୍ଲକ ମେଡିକାଲ ଅଫିସର ତଥା ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ସ୍ୱାଧୀନ ରଥ ଓ ଗଞ୍ଜାମ ବ୍ଲକ ଭାରପ୍ରାପ୍ତ ମେଡିକାଲ ଅଫିସର ତଥା ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ସୌମ୍ୟକାନ୍ତ ମହାପାତ୍ରଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଇଛନ୍ତି। କୟାକଳ୍ପ ମାନ୍ୟତା ନେଇ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ଏକ ପ୍ରତିନିଧି ଦଳ ଡାକ୍ତରଖାନା ଗୁଡିକରେ ପରିମଳ, ସ୍ୱାସ୍ଥ୍ୟସେବା, ବିଭିନ୍ନ ଭିତ୍ତିଭୂମି, ଔଷଧ ବିତରଣ କେନ୍ଦ୍ର, ଲ୍ୟାବ, ରକ୍ତ ପରୀକ୍ଷା, ଓପିଡି, କାଜୁଆଲଟି, ହେଲ୍ପ ଡେସ୍କ, ନିରାମୟ ଯୋଜନାର କାର୍ଯ୍ୟକାରୀତା ଆଦି ବୁଲି ଦେଖିବା ସହ ପରିସ୍କାର ପରିଛନତାର ତଦାରଖ କରି ଯୋଗ୍ୟ ବିବେଚିତ କରିଛନ୍ତି।

## ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ଉଦ୍‌ଯାପିତ



ପରଳାଖେମୁଣ୍ଡି,୨୧।୩(ସମିସ): ସିୟୁଟିଏମ୍ ପାରଳାଖେମୁଣ୍ଡିର ଅଡିଟୋରିଅମ୍ ହଲ୍‌ରେ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ପରଳାଖେମୁଣ୍ଡିର ସ୍କୁଲ୍ ଅଫ୍ ନର୍ସିଂ ଦ୍ୱାରା ଶ୍ରୀ ରାମ ଡେଣ୍ଟାଲ୍ କ୍ଲିନିକ୍‌ର ସହଯୋଗରେ ଆୟୋଜିତ ହୋଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୁଖ ସ୍ୱାସ୍ଥ୍ୟ ସୁରକ୍ଷା ଓ ପ୍ରତିରୋଧମୂଳକ ଦାନ୍ତ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବା। ଏହି ଅବସରରେ ଡିନ୍ ଡିପ୍ଲୋମା ଡା. ପ୍ରଭାତ ରଞ୍ଜନ ଓ ସ୍କୁଲ ଅଫ୍ ନର୍ସିଂର ଅଧକ୍ଷା ଡା. ଏସ୍. ଏନ୍. ସନ୍ଧ୍ୟା ସହିତ ଡିପ୍ଲୋମା ଓ ନର୍ସିଂ ବିଭାଗର ଶିକ୍ଷକଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରିସୋର୍ସପର୍ସନ୍ ଭାବେ ଡା. ସରଥ ସାଲାନା ଯୋଗଦେଇ ମୁଖ ସ୍ୱାସ୍ଥ୍ୟ ଓ ସାଧାରଣ ଦାନ୍ତ ରୋଗ ବିଷୟରେ ଏକ ତଥ୍ୟ ପ୍ରଦାନ କରିଥିଲେ। ଛାତ୍ର ସମନ୍ୱୟକାରୀ କେ. ଲହରୀ ଓ ମିଳନ କୁମାର ମୁଦୁଲି, ଶିକ୍ଷକ ସମନ୍ୱୟକାରୀ ମିସ୍ ସୁଭାସ୍ରୀ ପାଣିଗ୍ରାହୀ ଓ ମିସ୍ ମାଧୁରିମା ସାମନ୍ତଙ୍କ ନିର୍ଦ୍ଦେଶନାରେ ହୋଇଥିଲା। ଏହି ଅବସରରେ ଡିଜିଟାଲ୍ ପୋଷ୍ଟର୍ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ପୁରାତନ ଠାରୁ ଆଧୁନିକ ଦାନ୍ତ ଚିକିତ୍ସା ପଦ୍ଧତିର ବିକାଶ ଉପରେ ଏକ ଭିଡିଓ ପ୍ରଦର୍ଶନ ମଧ୍ୟ ହୋଇଥିଲା। ଡିସ୍ପେନସାରୀରେ ଏକ ନିଶୁଳ୍କ ଦାନ୍ତ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ୧୨୨ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

● ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ସମଗ୍ର ଶିକ୍ଷା ସାମାଜିକ ସମୀକ୍ଷା

## ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କଲେ ସରପଞ୍ଚ ଓ ସମିତିସଭ୍ୟ

ପୋଲସରା,୨୧।୩(ସମିସ)




ପୋଲସରା ବ୍ଲକ କନଫରେନ୍ସ ହଲରେ ଶୁକ୍ରବାର ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସାମଗ୍ରିକ ଶିକ୍ଷା ନେଇ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନଙ୍କ ଅଧକ୍ଷତା ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋନମ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗତ ୧. ୪.୨୫ରୁ ୩୦.୯. ୨୫ ୬ମାସ ମଧ୍ୟରେ ଏମଜିଏନଆରଇଜିଏସ ଓ ସମାଜିକ ଶିକ୍ଷାକୁ ନେଇ ବ୍ଲକସ୍ତରରେ କିଭଳି ଅଗ୍ରଗତି ହୋଇଛି ସେନେଇ ସମୀକ୍ଷା ହୋଇଥିଲା। ପୋଲସରା ବ୍ଲକରେ ଏମଜୀଏନଆରଇଜିଏସ ଯୋଜନାରେ ମୋଟ ୭ଲକ୍ଷ ୨୦ହଜାର ଶ୍ରମଦିବସ ସୃଷ୍ଟି କରିବା ଲାଗି ଟାର୍ଗେଟ ଥିଲା। କିନ୍ତୁ ଲକ୍ଷ ଧାର୍ଯ୍ୟ ଠାରୁ ଅଧିକା ସୃଷ୍ଟି ହୋଇଛି। ଯାହାକି ୮ଲକ୍ଷ ୧ ହଜାର ୩୪୫ ଶ୍ରମ ଦିବସ ହୋଇଥିବା ସୂଚନା ମିଳିଛି। ପୋଲସରା ବ୍ଲକ ଅନ୍ତର୍ଗତ ୨୬ପଂଚାୟତରେ ମୋଟ ୧୪୦୮ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨ହଜାର ୫ଶହ ୧୭ ଟି ପ୍ରକଳ୍ପ ଚାଲୁରହିଛି। ୨୦ହଜାର ୮ଶହ ୨୯ଗୋଟି ଜବ କାର୍ଡର ଇକେୱାଇସି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୬ହଜାର ୨ଶହ ୬୬ କାର୍ଡ ଇକେୱାଇସି ହେବାକୁ ବାକି ରହିଛି। ପୋଲସରା ବ୍ଲକରେ ୧୨୨୬ ଜଣ ହିତାଧିକାରୀ ୧୦୦ଦିନର କାର୍ଯ୍ୟ ହାସଲ କରିଛନ୍ତି। ଏତଦ ବ୍ୟତୀତ ସାମଗ୍ରିକ ଶିକ୍ଷାକୁ ନେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରାଯାଇ ଥିଲା ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷା କିଭଳି ଦିଆଯାଇପାରିବ ଏବଂ ଛାତ୍ରଛାତ୍ରୀ ଶିକ୍ଷା କେମିତି ଆରୋହଣ କରିବେ ସେନେଇ ଜନପ୍ରତିନିଧି ସହିତ ଅଭିଭାବକ, ଶିକ୍ଷକଙ୍କ ସମନ୍ୱୟ ରହିବାର ଆବଶ୍ୟକତା ରହିଛି ବୋଲି ବୈଠକରେ ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲାଣ କହିଥିଲେ। ମୃତିକା ସଂରକ୍ଷଣ ବିଭାଗର ରେଞ୍ଜ ଅଫିସର ନିରଞ୍ଜନ ପାତ୍ର ନିଜ କାର୍ଯ୍ୟାଳୟରେ ନ ରହି ସେ ନିଜ ଘରେ ରହୁଥିବା ହେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଥିବା ନେଇ ବୈଠକରେ ଚିରିକିପଡା ଶାସନ ସରପଞ୍ଚ ଭଗବାନ ସାହୁ, ସୋଡ଼କ ସରପଞ୍ଚ ଉକ୍ରଳ ପ୍ରଧାନ ସମେତ ବହୁ ସରପଞ୍ଚ ଅଭିଯୋଗ କରିଥିଲେ। ସେହିପରି ବନ ବିଭାଗ, ଉଦ୍ୟାନ ବିଭାଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଜଙ୍ଗଲ ଜମିରେ ଇଟା ଭାଟି ଚାଲୁଥିବା ନେଇ ଶଙ୍କର ପ୍ରଧାନ ଅଭିଯୋଗ କରିବା ଏବଂ ବନବିଭାଗ ଜାଣିଶୁଣି ଦୃଷ୍ଟି ଦେଉନଥିବା ବୈଠକ ରେ ଅଭିଯୋଗ କରିଥିଲେ। ପୋଲସରା ବ୍ଲକର ବହୁ ପଂଚାୟତରେ ବର୍ତ୍ତମାନ କନିଷ୍ଠ ଯନ୍ତ୍ରୀଙ୍କ ଅଭାବ ଥିବା ବେଳେ ତୁରନ୍ତ ଆଉ କିଛି ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଯୁକ୍ତି ବାଢିଥିଲେ। ବ୍ଲକସ୍ତରୀୟ ସାମାଜିକ ସମୀକ୍ଷାର ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଉପ-ଜିଲ୍ଲପାଳ ପାର୍ଥ ସାରଥୀ ହାଁସଦା, ଏବିଡ଼ିଓ ସୋନମ ବେହେରା, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର କୁମାର ମଲାଣ, ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ବ୍ଲକ ଉପାଧ୍ୟକ୍ଷ କାନହୁ ଚରଣ ପରିଡା, ସିପି କବିରାଜ ପ୍ରଧାନ, ବ୍ଲକ ସମୀକ୍ଷକ କୃଷ୍ଣ ଗୌଡ଼ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକର କର୍ମଚାରୀ ସମୂହ ଉପସ୍ଥିତ ଥିଲେ।

● ୭୨ ବର୍ଷରେ ବି ଥକିନାହାନ୍ତି ଧୋବା

## କେନ୍ଦେରା ବଜାଇ କରୁଛନ୍ତି ପରିବାର ପ୍ରତିପୋଷଣ

ଜି.ଉଦୟଗିରି,୨୧।୩(ସମିସ): ଗାଁରୁ ସହର ଏବେ ଆଉ କେନ୍ଦେରାର ସ୍ୱର ଶୁଣିବାକୁ ମିଳୁନଥିବା ବେଳେ ଏହା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। କିନ୍ତୁ କୋଡିଏ ବର୍ଷ ଧରି କେନ୍ଦେରା ବଜାଇ ପରିବାର ପ୍ରତିପୋଷଣ କରି ଆସୁଥିବା ବେଲଗୁଣ୍ଠା ନିକଟସ୍ଥ କୋକଲୋଣ୍ଡାର ଜି.ଧୋବା ପାତ୍ରଙ୍କୁ ଜି.ଉଦୟଗିରିରେ ଦେଖିବାକୁ ମିଳିଥିଲା। ବୟସ ହେଲାଣି ୭୨ ବର୍ଷ। ତଥାପି ଥକିନାହାନ୍ତି। ପରିଣତ ବୟସରେ ଗାଁକୁ ଗାଁ ଖରା, ବର୍ଷା କାକରକୁ ଖାତିରି ନ କରି ଘରକୁ ଘର ବୁଲି କେନ୍ଦେରାର ସ୍ୱର ସହିତ ଟୀକାଗୋବନ୍ଦ ଚନ୍ଦ୍ର, ଶ୍ରୀକୃଷ୍ଣ ଜନ୍ମ, ଯଶୋଦା ଶୋକ, ଲକ୍ଷ୍ମଣ ଶକ୍ତିଭେଦ, ରୋହିତ ଶୋକ ଆଦି ଗୀତ ତାଳ ଲୟରେ ଗାଇ ଲୋକଙ୍କ ମନୋରଞ୍ଜନ କରୁଛନ୍ତି। ଲୋକେ ଆଗ୍ରହର ସହିତ ସଂଗୀତ ଶୁଣିଥାନ୍ତି। ଯାହାକିଛି ଦେଇଥାନ୍ତି ସେଥିରେ ଧୋବାଙ୍କ ପରିବାର ଚଳେ। ଧୋବାଙ୍କ ତିନି ପୁଅ, ଦୁଇ ଝିଅ ଥିବା ବେଳେ ସମସ୍ତେ ବାହା ହୋଇସାରିଲେଣି। ଘରେ କେବଳ ସ୍ତ୍ରୀ ରହନ୍ତି। ଏଥିରୁ ଯାହାକିଛି ମିଳେ ସେଥିରେ ସୁଖଦୁଃଖରେ ଚଳିଥାଉ ବୋଲି ଧୋବା ପାତ୍ର କହିଛନ୍ତି।



